## ସଂକ୍ଷେପରେ

### ଜିଲା ବିଜେଡି ଉପସଭାପତି ହେଲେ ଉଦୟ

ମାଥିଲି, ୧୧।୧୦(ସୁବାସ ଚନ୍ଦ୍ର ଖୁଡୁପିଆ)



ମାଲକାନଗିରି ଜିଲା ବିଜେଡି ନେତା ତଥା ମାଥିଲି ଜୋନ୍ ୨ର ପୂର୍ବତନ ଜିଲା ପରିଷଦ ସଭ୍ୟ ଉଦୟନାଥ ମାଡ଼ି ବିଜେଡି ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀ ଉପସଭାପତି ଭାବେ ନିଯୁକ୍ତି ହୋଇଛନ୍ତି। ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଚିତ୍ରକୋଣ୍ଡା ନିର୍ବାଚନମଣ୍ଡଳୀକୁ ସୁଦୃଢ଼ କରିବା ନିମନ୍ତେ ତାଙ୍କୁ ଏହି ନୂତନ ଦାୟିତ୍ୱ ଦିଆଯାଇଥିବା ଜଣାପଡିଛି । ମାଡ଼ି ନୂତନ ଦାୟିତ୍ୱ ନେବା ପରେ ବିଭିନ୍ନ ମହଲରେ ଖୁସି ପ୍ରକାଶ ପାଇଛି । ସେ ବିଜୁ ଜନତା ଦଳର ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ବରିଷ୍ଠ ସାଧାରଣ ସମ୍ପାଦକ ଈଶ୍ୱର ପାଣିଗ୍ରାହୀ, ଜିଲା ସଭାପତି ମାନସ ମାଡ଼କାମୀ ଓ ନବରଙ୍ଗପୁର ଏମ୍‌ପି ରମେଶ ମାଝିଙ୍କୁ ଧନ୍ୟବାଦ ଦେଇଛନ୍ତି ।

### ଥାନା ପରିସରରୁ ଅଜଗର ଉଦ୍ଧାର



ଚିତ୍ରକୋଣ୍ଡା,୧୧।୧୦(କ୍ଷୀରୋଦ ବେହେରା)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଥାନା ପରିସରରୁ ଏକ ବିରାଟ ଅଜଗର ଉଦ୍ଧାର କରାଯାଇଛି। ମଧ୍ୟାହ୍ନରେ ଗାର୍ଡ ପୋଷ୍ଟରେ ସେଣ୍ଟ୍ରି ଡିଉଟି କରୁଥିବା କନ୍‌ଷ୍ଟେବଲ ପ୍ରଥମେ ସାପଟିକୁ ଦେଖିଥିଲେ। ଖବର ଜଣାପଡ଼ିବା ପରେ ଅନ୍ୟ କନ୍‌ଷ୍ଟେବଲ ଜମା ହୋଇଯାଇଥିଲେ। ପରବର୍ତ୍ତୀ ସମୟରେ ସାପ ଧରାଳି ମାଧବ କୁଶପାରିଆ ଓ ଗ୍ରାମରକ୍ଷୀ ଚିନା ଶେଷଗିରି ଦୁହେଁ ୧୫ଫୁଟର ଅଜଗରକୁ ଉଦ୍ଧାର କରି ଦୂର ପାହାଡ଼ରେ ନେଇ ଛାଡିଥିଲେ।

### ନୂତନ ବିଡିଓଙ୍କ ଯୋଗଦାନ

ପାପଡାହାଣ୍ଡି,୧୧।୧୦(ସ୍ୱପ୍ନଜିତ ପଟ୍ଟନାୟକ)

ପାପଡାହାଣ୍ଡି ବ୍ଲକର ନୂତନ ବିଡ଼ିଓ ଭାବେ ଦୁର୍ଯ୍ୟୋଧନ ଭୋଇ ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅସରରେ ବିଧାୟକ ମନୋହର ରନ୍ଧାରି, ଜିଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ବ୍ଲକର ସମସ୍ତ ବିଭାଗର ଅଧିକାରୀ, ଉପାଧ୍ୟକ୍ଷ ସୁଶାନ୍ତ କୁମାର ବେହେରା, ପାପଡାହାଣ୍ଡି ଖବରଦାତା ସଂଘ ପୁଷ୍ପଗୁଚ୍ଛ ଦେଇ ତାଙ୍କୁ ସ୍ୱାଗତ କରିଥିଲେ। ସଦରର ରାସ୍ତାଘାଟ ଓ ବିଭିନ୍ନ ସମସ୍ୟା ନେଇ ଖବରଦାତାମାନେ ବିଡ଼ିଓଙ୍କୁ ଅବଗତ କରିଥିଲେ। ଅଗାମୀ ଦିନରେ ବ୍ଲକର ଉନ୍ନତିମୂଳକ ପଦକ୍ଷେପ ନେବେ ବୋଲି ସେ ସୂଚନା ଦେଇଛନ୍ତି। ଏଥି ପୂର୍ବରୁ ସେ ନବରଙ୍ଗପୁର ଜିଲା ଡେପୁଟି କଲେକ୍ଟର ଭାବେ ଥିଲେ। ପୂର୍ବତନ ବିଡ଼ିଓ ଦିବାକର ବାଗଙ୍କୁ ଲମତାପୁଟ ବିଡ଼ିଓ ଭାବେ ବଦଳି ହୋଇଛି ।

# ମିଶନ ଶକ୍ତି ସ୍କୁଟର ଯୋଜନାର ଶୁଭାରମ୍ଭ

## ଉପକୃତ ହେବେ ଅନେକ ମହିଳା

ମାଲକାନଗିରି, ୧୧।୧୦(ଦୁର୍ଯ୍ୟୋଧନ ପାତ୍ର)



ସ୍କୁଟର ଯୋଜନାର ଶୁଭାରମ୍ଭ ଅବସରରେ ଜିଲାପାଳ, ଏମ୍‌ପି ଓ ଅନ୍ୟମାନେ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମିଶନ ଶକ୍ତି ସ୍କୁଟର ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଗୁରୁବାର ମାଲକାନଗିରି ଜିଲାପାଳଙ୍କ କାର୍ଯ୍ୟାଳୟରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଜିଲାପାଳ ବିଶାଲ ସିଂଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଏମ୍‌ପି ରମେଶ ମାଝି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ମାଲକାନଗିରି ବିଧାୟକ ଆଦିତ୍ୟ ମାଢ଼ି, ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଆଡମା ରାବା, ଜିଲା ପରିଷଦ ଉପାଧ୍ୟକ୍ଷ ପତିତ ପାବନ ବୈଦ୍ୟ ଓ ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ତଥା ଉନ୍ନୟନ ଅଧିକାରୀ ରତ୍ନାକର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ଜିଲାପାଳଙ୍କ ଭିଡିଓ କନ୍‌ଫେରେନ୍ସ କକ୍ଷରେ ରାଜ୍ୟସ୍ତରୀୟ ଉଦ୍‌ଘାଟନୀ ସମାରୋହରେ ଆଭାସି ମାଧ୍ୟମରେ ସମସ୍ତ ଅତିଥି ସାମିଲ ହୋଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ, ଗତି ହିଁ ଶକ୍ତି, ଗତି ହିଁ ସଶକ୍ତୀକରଣ । ଆମର ସ୍କୁଟର ଯୋଜନା ମା'ମାନଙ୍କ ଯାତାୟାତକୁ ସୁବିଧା କରିବ। ବୃତ୍ତିଗତ କ୍ଷେତ୍ରରେ ମଧ୍ୟ ନୂଆ ସୁଯୋଗ ଆଣିବ । ୭୦ ଲକ୍ଷ ମା'ଙ୍କ ନିଜର ଅନୁଷ୍ଠାନ ମିଶନ ଶକ୍ତି ଆହୁରି ମଜଭୁତ ହେବ। ମା'ମାନଙ୍କ ଗତିଶୀଳତା ଓଡ଼ିଶାର ପ୍ରଗତିକୁ ନୂଆ ବେଗ ଦେବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ। ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟମାନଙ୍କୁ ଉଦ୍ୟୋଗୀଭାବେ ପରିଣତ କରିବା ଆମର ଲକ୍ଷ୍ୟ । ଏଥିପାଇଁ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୧୫୦ କୋଟି ଟଙ୍କାର ସୁଧ ସହାୟତା ସିଧାସଳଖ ଦିଆଯାଉଛି । ସେହିପରି ମିଶନ ଶକ୍ତି ସ୍କୁଟର ଯୋଜନା କିଭଳି ଭାବେ ଜିଲାରେ ସଫଳ ହେବ ସେଥି ନିମନ୍ତେ ଏମ୍‌ପି ମାଝି ଆଶାବ୍ୟକ୍ତ କରିଥିଲେ। ଏହି ଯୋଜନରେ ୩୦୦୦ ସଦସ୍ୟାଙ୍କୁ ୩୦ କୋଟି ଟଙ୍କା ଯୋଗାଇଦେବା ପାଇଁ ଧାର୍ଯ୍ୟ କରାଯାଇଛି ବୋଲି ଜିଲାପାଳ ସିଂ ସୂଚନା ଦେଇଥିଲେ।

ସରକାର ବିନା ସୁଧରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପ୍ରତ୍ୟେକ ଯୋଗ୍ୟ ହିତାଧିକାରୀଙ୍କୁ ବ୍ୟାଙ୍କ ଋଣ ଯୋଗାଇଦେବାର ବ୍ୟବସ୍ଥା କରିଛନ୍ତି। ଏହାକୁ ୪ ବର୍ଷ ମଧ୍ୟରେ ଅର୍ଥାତ୍ ୪୮ଟି କିସ୍ତିରେ ହିତାଧିକାରୀ ପରିଶୋଧ କରିବେ। ଆଜି ପର୍ଯ୍ୟନ୍ତ ୧୫୨ ହିତାଧିକାରୀଙ୍କୁ ଋଣ ମଞ୍ଜୁର କରାଯାଇଛି । ୧୦୪ ଜଣଙ୍କୁ ଗୁରୁବାର ମୁଖ୍ୟ ଅତିଥିଙ୍କ ଦ୍ୱାରା ସ୍କୁଟର ପ୍ରଦାନ କରାଯାଇଛି । ପର୍ଯ୍ୟାୟକ୍ରମେ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଏହି ଋଣ ପ୍ରଦାନ କରାଯିବ। ଏହି ଅବସରରେ ରାଜ୍ୟସ୍ତରରେ, ବ୍ଲକ ଓ ଜିଲାସ୍ତରୀୟ ମିଶନ ଶକ୍ତି ଫେଡେରେଶନ ସରକାରୀ କାର୍ଯ୍ୟ ପାଇଁ ଯାନ ସୁବିଧା ଯୋଗାଇଦେବା ବାବଦରେ ଘୋଷଣା କରାଯାଇଛି । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଏସ୍‌ବିଆଇ ସିଏମ୍ ଦେବଦତ୍ତ ସେଠୀ, ଏଲ୍‌ଡିଏମ୍ ନରସିଂହ ପ୍ରସାଦ ପାଢ଼ୀ, ଓଏଲ୍‌ଏମ୍ ଡିପିଏମ୍ ପବିତ୍ର ମୋହନ ବାରା, ମିଶନ ଶକ୍ତି ଡିପିଏମ୍ ନିରଞ୍ଜନ ପାତ୍ର ଓ ଏପିଡି ବାଲାଜୀ ପଟ୍ଟନାୟକ ଉପସ୍ଥିତ ଥିଲେ ।

# ଅନ୍ତର୍ଜାତୀୟ ବାଳିକା ଦିବସରେ ବୈଠକ


ବାଳିକା ଦିବସ ଅବସରରେ ପୁସ୍ତିକା ଉନ୍ମୋଚନ କରାଯାଉଛି।

ମାଲକାନଗିରି, ୧୧।୧୦(ଦୁର୍ଯ୍ୟୋଧନ ପାତ୍ର)

ଅନ୍ତର୍ଜାତୀୟ ବାଳିକା ଦିବସ ଉପଲକ୍ଷେ ଶିଶୁମାନଙ୍କ ପାଇଁ କାମ କରୁଥିବା ବିଭିନ୍ନ ବିଭାଗର ପଦାଧିକାରୀ ମାନଙ୍କୁ ନେଇ ଜିଲା ସଦର ମହକୁମା ପରିବର୍ତ୍ତନ ସଭାଗୃହରେ ସମ୍ପାଦକ ନିତ୍ୟାନନ୍ଦ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଶେଷକରି ଜିଲାରେ ଶିଶୁ ସୁରକ୍ଷା ଉପରେ କାର୍ଯ୍ୟ କରୁଥିବା ବିଭିନ୍ନ ବିଭାଗର ପଦାଧିକାରୀମାନେ ଏଥିରେ ଅଂଶ ଗ୍ରହଣ କରି ଶିଶୁମାନଙ୍କ ସୁରକ୍ଷା, ଶିକ୍ଷା, ବାଲ୍ୟବିବାହ ନିରାକରଣ, ସେମାନଙ୍କ ଖାଦ୍ୟପେୟ, ପୋଷାକ, ଆଚରଣ, ଉଚ୍ଚାରଣ ଏବଂ ସାମାଜିକ ନ୍ୟାୟ ପ୍ରଦାନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ବିଷେଶକରି ଶିକ୍ଷା ଗ୍ରହଣ ବୟସରେ ଯେଉଁମାନେ ଶିଶୁମାନଙ୍କୁ ନେଇ ଶ୍ରମିକ ଭାବେ ଖଟାଉଛନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ନିଷ୍ପତ୍ତି ନିଆଯାଇଛି।

ବୈଠକରେ ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷା ସଞ୍ଜୁକ୍ତା ପ୍ରଧାନ,ଜିଲା ଶ୍ରମ ଅଧିକାରୀ ସାର୍ଥକ କୁମାର ପାଣିଗ୍ରାହୀ, ସହକାରୀ ଶ୍ରମ ଅଧିକାରୀ ପୂର୍ଣ୍ଣିମା ଡୁରୁକା, ଶିଶୁ ସୁରକ୍ଷା କାର୍ଯ୍ୟକ୍ରମ ଅଧିକାରୀ ଗଙ୍ଗା ରାଓ, ଶିଶୁ ବିକାଶ ଅଧିକାରୀ ଶାନ୍ତି କରସୁଧା ପଟ୍ଟନାୟକ, ପଡିଆ ବ୍ଲକ ଶିଶୁ ସୁରକ୍ଷା ଅଧିକାରୀ ରଜନୀ ବେହେରା ପ୍ରମୁଖ ଯୋଗଦେଇ ଶିଶୁ ସୁରକ୍ଷା ଉପରେ ଆଲୋଚନା କରିଥିଲେ। ଶିଶୁ ସୁରକ୍ଷା ଉପରେ ଏକ ପୁସ୍ତିକାକୁ ଅଧିକାରୀମାନେ ଉନ୍ମୋଚନ କରିଥିଲେ। ପରିବର୍ତ୍ତନ ଅନୁଷ୍ଠାନର ହରିଶ୍ ବେହେରା ଓ ଜି.ସୋରେନ୍ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଲକ୍ଷ୍ମୀ ବସ୍ ସେବାକୁ କଂଗ୍ରେସର ବିରୋଧ



କଂଗ୍ରେସର ଖବରଦାତା ସମ୍ମିଳନୀରେ ଦଳୀୟ କାର୍ଯ୍ୟକର୍ତ୍ତା।

ମାଲକାନଗିରି, ୧୧।୧୦(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲାରେ ଗୁରୁବାର ଲକ୍ଷ୍ମୀ ବସ୍ ଯୋଜନାର ଉଦ୍‌ଘାଟନ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କରାଯିବାର କାର୍ଯ୍ୟକ୍ରମ ଥିବା ବେଳେ ବୁଧବାର ଏକ ଖବରଦାତା ସମ୍ମିଳନୀରେ କଂଗ୍ରେସ ପକ୍ଷରୁ ଏହାକୁ ବିରୋଧ କରାଯାଇଛି। ସଭାପତି ଗୋବିନ୍ଦ ପାତ୍ର କହିଛନ୍ତି, ଏହା ପୂର୍ବରୁ ରାଜ୍ୟ ସରକାର ମାଲକାନଗିରି ଜିଲାକୁ ମୋ ବସ୍ ସେବା ଯୋଗାଇ ଦେଇଥିଲେ। କିନ୍ତୁ ସେହି ବସ୍‌ଗୁଡିକ ଗୋଟିଏ ବର୍ଷ ନ ପୂରୁଣୁ ଅଚଳ ହୋଇ ଭଗ୍ନ ଅବସ୍ଥାରେ ଏଣେ ତେଣେ ପଡିଛି । ବଣ୍ଡାଘାଟି ଓ ସ୍ୱାଭିମାନ ଅଞ୍ଚଳରେ ପ୍ରତ୍ୟେକ ଗ୍ରାମକୁ ପକ୍କା ରାସ୍ତା ନ ଥିବାରୁ ଏହି ବସ୍ ସେହି ସବୁ ଆଭ୍ୟନ୍ତରୀଣ ଅଞ୍ଚଳକୁ ଯାଉନାହିଁ। ମୁଖ୍ୟମନ୍ତ୍ରୀ ନିଜ ଦଳ ପାଇଁ ଏକ ପ୍ରକାର ପ୍ରଚାର କରିବାକୁ ଆସୁଛନ୍ତି। ଗତ ସପ୍ତାହରେ ମାଲକାନଗିରି ସଦର ମହକୁମାରେ ତିନୋଟି ରାଜ୍ୟକୁ ନେଇ କଂଗ୍ରେସର ଏକ ବିରାଟ ସମାରୋହକୁ ଦେଖି ବିଜେଡି ଛାନିଆ ହୋଇ କାଳେ ତାଙ୍କ ହାତରୁ ଦୁଇଟି ବିଧାନସଭା ମଣ୍ଡଳୀ ହାତଛଡା ହେବା ଭୟରେ ଲୋକଙ୍କୁ ସମାବେଶରେ ଯୋଗଦେବା ପାଇଁ ପରୋକ୍ଷରେ ପ୍ରଭାବିତ କରୁଥିବା ଅଭିଯୋଗ କରିଛନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ଶରତ ବୁରୁଦା, ଡି.ଶ୍ରୀନିବାସ ରାଓ, କେଶୁ ରାଓ, ପର୍ଶୁରାମ ଭକ୍ତ, ମଙ୍ଗୁ ଖିଲ, ସମାରୁ ଅନୁଗୁ ପ୍ରମୁଖ ଉପସ୍ଥିତ ଥିଲେ।

### ଯୁବକଙ୍କୁ ମରଣାନ୍ତକ ଆକ୍ରମଣ, ଜଣେ ଅଟକ

ରାୟଗଡା,୧୧।୧୦(ଭାଗ୍ୟଶ୍ରୀ ମିଶ୍ର)

ରାୟଗଡ଼ା ଦୁମ୍ପିଗୁଡା ଗ୍ରାମର ଆଦିତ୍ୟ କୁମାର ହୁଇକାଙ୍କୁ ଗତ ସୋମବାର ରାତିରେ କେତେଜଣ ଯୁବକ ମରଣାତ୍ମକ ଆକ୍ରମଣ କରିଥିଲେ। ଏ ନେଇ ଆଦିତ୍ୟଙ୍କ ପରିବାର ଲୋକେ ରାୟଗଡା ଟାଉନ ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାରେ ଟାଉନ ଥାନା ପୋଲିସ ଆଜି ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଥିବା ଟାଉନ ଥାନା ଆଇଆଇସି କେକେବିକେ କହଁର କହିଛନ୍ତି।
ସୂଚନା ଅନୁଯାୟୀ ବୁଦ୍ରା ବାଲ୍ୟାର ଜଗନ୍ନାଥ ଅଟୋ ମୋବାଇଲ ଛକ ନିକଟରେ ଜଣେ ଯୁବତୀଙ୍କୁ କେତେଜଣ ଯୁବକ ଦୁର୍ବ୍ୟବହାର କରୁଥିଲେ। ଯୁବତୀ ଜଣଙ୍କୁ ଉଦ୍ଧାର କରିବା ପାଇଁ ଆଦିତ୍ୟ ସେଠାକୁ ଯାଇ ଯୁବକମାନଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ। ସମ୍ପୃକ୍ତ ଯୁବକମାନେ ଉତ୍ୟକ୍ତ ହୋଇ ଯୁବତୀଙ୍କୁ ଛାଡି ଆଦିତ୍ୟଙ୍କୁ ଲୁହାରଡ୍ ଏବଂ ପଥର ଛେଚି ତାଙ୍କୁ ଜୀବନରୁ ମାରି ଦେବାକୁ ଉଦ୍ୟମ କରିଥିଲେ। ରକ୍ତାକ୍ତ ଅବସ୍ଥାରେ ଆଦିତ୍ୟ ସେଠାରୁ ନିଜ ଜୀବନ ବଞ୍ଚାଇ ଘରକୁ ପଳାଇ ଆସିଥିଲେ। ଏଭଳି ନୃଶଂସକାଣ୍ଡ ଘଟାଇଥିବା ଦୁର୍ବୃତ୍ତମାନେ ବୁଦ୍ର ବାଲସାର ବାସିନ୍ଦା ବୋଲି ଆଦିତ୍ୟଙ୍କ ପରିବାର ଲୋକେ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଘଟଣାର ସମସ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯିବାକୁ ଚାଷୀ ଏକତା ପରିଷଦ ଏବଂ ଜିଲା ଆଦିବାସୀ ସମାଜ ଆଇନ ମନ୍ତ୍ରୀ ଜଗନ୍ନାଥ ସାରକାଙ୍କୁ ଭେଟି ଅଭିଯୋଗ କରିଛନ୍ତି ।

# କାଳିମେଳାରେ ଅନ୍ତର୍ଜାତୀୟ ବାଳିକା ଦିବସ


ଅନ୍ତର୍ଜାତୀୟ ବାଳିକା ଦିବସରେ ବାହାରିଥିବା ଶୋଭାଯାତ୍ରା।

କାଳିମେଳା, ୧୧।୧୦(ଜୀବନ କୃଷ୍ଣ ଦାସ )

କାଳିମେଳା ବ୍ଲକ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନ୍ତର୍ଜତୀୟ ବାଳିକା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟର ସମସ୍ତ ଛାତ୍ରୀଙ୍କୁ ନେଇ ବିଦ୍ୟାଳୟ ପରିସରରୁ ଏକ ସଚେତନତା ରାଲି ବାହାରି କାଳିମେଳା ସହର ପରିକ୍ରମା କରିଥିଲା। ଝିଅଙ୍କ ସୁରକ୍ଷା, ବର୍ତ୍ତମାନ ଆମର ସମୟ । ଆମ ଅଧିକାର, ଆମ ଭବିଷ୍ୟତ ଗଢ଼ିବା । ବାଳିକା ମାନେ ବିଭିନ୍ନ ସମସ୍ୟା ସମାଧାନ କରିବା, ସେମାନଙ୍କୁ ସଶକ୍ତୀକରଣ ଏବଂ ମାନବିକ ଅଧିକାର ପୂରଣ ପାଇଁ ଆବଶ୍ୟକତା ଉପରେ ଶିଶୁ କନ୍ୟା ଦିବସ ଗୁରୁତ୍ୱାରୋପ କରିଥାଏ। ଯଦି ଛୋଟ ବେଳୁ ସେମାନଙ୍କୁ ପ୍ରୋତ୍ସାହିତ କରାଯିବ ତେବେ ସେମାନେ ବଡ ହୋଇ ନିଶ୍ଚିତ ସମାଜରେ ପ୍ରତିଷ୍ଠିତ ହୋଇପାରିବେ । ତେବେ ଏହି ଦିବସ ସେହି ଶିଶୁମାନଙ୍କୁ ପ୍ରୋତ୍ସାହିତ କରେ ଯେଉଁମାନଙ୍କୁ ପରିବାର ପକ୍ଷରୁ କୌଣସି ସମର୍ଥନ ମିଳି ନ ଥାଏ । ସେମାନଙ୍କୁ ସଶକ୍ତକରିବା ଏହି ଦିବସର ମୂଳ ଲକ୍ଷ୍ୟ। ଏହି ପରିପ୍ରେକ୍ଷୀରେ ଏକ ସଭା ଅନୁଷ୍ଠିତ ହୋଇଥିଲା ଏଥିରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ସଭାପତି ରମେଶ ଚନ୍ଦ୍ର ବାରୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅନିମେଶ ମଣ୍ଡଳ,ପିରାମଲ ଫାଉଣ୍ଡେଶନ ସଦସ୍ୟ ରୂପେଶ ସାହୁ, କେ. ରୋଲାକ୍ସ, କାଳିମେଳା ସିଆର୍‌ସିସି ରଞ୍ଜିତ ସରକାର, ବିଆର୍‌ସିସି ବିଷ୍ଣୁ ସରକାର, କାଳିମେଳା ଉଚ୍ଚ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ବରାଡ଼ ପ୍ରମୁଖ ଉପସ୍ଥିତ ଥିଲେ । ଅନ୍ୟାନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ମାନେ ଏଥିରେ ସହଯୋଗ କରିଥିଲେ ।

# ୧୦ ଭାଜପା କାର୍ଯ୍ୟକର୍ତ୍ତା ବିଜେଡିରେ ସାମିଲ


ମାଲକାନଗିରିରେ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଉପସ୍ଥିତିରେ ଭାଜପା କର୍ମୀମାନେ ବିଜେଡିରେ ସାମିଲ ହୋଇଛନ୍ତି।

ମାଲକାନଗିରି, ୧୧।୧୦(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ବାଲିମେଳା ଏନ୍‌ଏସିର ୧୦ ଜଣ ଭାଜପା ସକ୍ରିୟ କାର୍ଯ୍ୟକର୍ତ୍ତା ଗତ ୨ ଦିନ ପୂର୍ବେ ଭାଜପା ଛାଡ଼ିଥିବା ବେଳେ ବୁଧବାର ମାଲକାନଗିରିର ଏକ ହୋଟେଲରେ ଜିଲା ବିଜେଡି ପକ୍ଷରୁ ଆୟୋଜିତ ମିଶ୍ରଣ ପର୍ବରେ ବିଜେଡି ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଉପସ୍ଥିତିରେ ୧୦ ଭାଜପା କାର୍ଯ୍ୟକର୍ତ୍ତା ବିଜେଡିରେ ସାମିଲ ହୋଇଛନ୍ତି। ଯେଉଁମାନଙ୍କ ମଧ୍ୟରେ ଭାଜପା ଜିଲା ଉପ ସଭାପତି ଚିତ୍ରସେନ ସ୍ୱାଇଁ, ବାଲିମେଳା ଭାଜପା ଉପ ସଭାପତି ବିଜୟ ଦାସ, ବାଲିମେଳା ଭାଜପା କୃଷକ ମୋର୍ଚ୍ଚା ସଭାପତି ତ୍ରିନାଥ କୁମାର ସାହୁ, ବାଲିମେଳା ଏସ୍‌ଟି ସଭାପତି ପୂର୍ଣ୍ଣଚନ୍ଦ୍ର ଚାଲାଣ, ଭାଜପା ସାଧାରଣ ସମ୍ପାଦକ ସୀମାଞ୍ଚଳ ପ୍ରଧାନ, ବାଲିମେଳା ଭାଜପା ସକ୍ରିୟ ସଦସ୍ୟ ରମେଶ କୁମାର ଜାନୀ, ଅମୂଲ୍ୟ ମାଛା, ପୁରୁଷୋତ୍ତମ ମୁଦୁଲି, ପୂର୍ଣ୍ଣ ଚନ୍ଦ୍ର ବିଶ୍ୱାଳ ଓ ମାଥିଲି ବ୍ଲକ ଭାଜପା ପୂର୍ବତନ ଜୋନ୍ ସଭାପତି ରଞ୍ଜିତ କୁମାର ଦାସ ପ୍ରମୁଖ ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି ।
ପୂର୍ବରୁ ଏହି ନେତାଏ ଭାଜପାରେ ଥାଇ ମଧ୍ୟ ଲୋକଙ୍କ ପାଇଁ କୌଣସି ସେବା ମୂଳକ କାର୍ଯ୍ୟ କରିପାରୁ ନ ଥିବା ଓ ଦଳରେ ଅଣଦେଖା ହେତୁ ଭାଜପା ଛାଡିଥିବା ବେଳେ ରାଜ୍ୟ ସରକାରଙ୍କ ଜନ ହିତକର ଯୋଜନାରେ ଆକୃଷ୍ଟ ହୋଇ ସେମାନେ ବିଜେଡିରେ ସାମିଲ ହୋଇଥିବା କହିଛନ୍ତ। ଏହି ମିଶ୍ରଣ ପର୍ବରେ ରାଜ୍ୟ ସାଙ୍ଗଠନିକ ସମ୍ପାଦକ ଦାସଙ୍କ ସମେତ ଜୁନାଗଡ଼ ବିଧାୟକ ତଥା ମାଲକାନଗିରି ଜିଲା ପର୍ଯ୍ୟବେକ୍ଷକ ଦିବ୍ୟଶଙ୍କର ମିଶ୍ର, ସ୍ୱତନ୍ତ୍ର ପ୍ରତିନିଧି ପ୍ରକାଶ କୁମାର ମହାନ୍ତି, ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି, ଜିଲା ବିଜେଡି ସଭାପତି ତଥା ପୂର୍ବତନ ବିଧାୟକ ମାନସ ମାଡକାମୀ, ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଆଡ଼ମା ରାବା, ବିଜେଡି ଜିଲା କାର୍ଯ୍ୟକାରୀ ସଭାପତି ଦୁର୍ଗା ତ୍ରିପାଠୀ, ଜିଲା ବିଜେଡି ଉପଦେଷ୍ଟା ରାଜେନ୍ଦ୍ର ପଣ୍ଡା, ଜିଲା ବିଜେଡି ଉପ ସଭାପତି ନୃସିଂହ ଚରଣ ମହାନ୍ତି, ଜିଲା ସାଧାରଣ ସମ୍ପାଦକ ପ୍ରଭାକର ପ୍ରଧାନ, ଜାଗା ମିଶନ ଉପଦେଷ୍ଟା ହରିଶଙ୍କର ରାଉତ, ଜିଲା ଆଇନଜୀବୀ ସାମ୍ମୁଖ୍ୟ ସଭାପତି ଗୋପାଳକୃଷ୍ଣ ପଣ୍ଡା, ସାଧାରଣ ସମ୍ପାଦକ ଶୁଭେନ୍ଦୁ ପଟ୍ଟନାୟକ, ପର୍ଯ୍ୟବେକ୍ଷକ ମୁନି ସାମନ୍ତରାୟ ଓ ପ୍ରସାଦ ବିଡିକା ପ୍ରମୁଖ ଉପସ୍ଥିତ ଥିଲେ।

# ଇସ୍ତଫା ଦେଇଥିବା ୧୦ କର୍ମକର୍ତ୍ତାଙ୍କ ଜାଲ୍ ଦସ୍ତଖତ ଅଭିଯୋଗ

**ଭାଜପାର ୨୦ କର୍ମକର୍ତ୍ତାଙ୍କ ଇସ୍ତଫା ଘଟଣା**
- ବାଲିମେଳାରେ ଖବରଦାତା ସମ୍ମିଳନୀ

ବାଲିମେଳା,୧୧।୧୦(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ବାଲିମେଳା ନଗର ଭାଜପାର ୨୦ କର୍ମକର୍ତ୍ତା ଗତ ସୋମବାର ଭାଜପା ରାଜ୍ୟ ସଭାପତିଙ୍କ ଉଦ୍ଦେଶ୍ୟରେ ଦେଇଥିବା ସମୂହ ଇସ୍ତଫାପତ୍ରକୁ ମିଥ୍ୟା ପ୍ରମାଣିତ କରିଛି ଭାଜପା। ଏନେଇ ମଙ୍ଗଳବାର ବାଲିମେଳାରେ ଭାଜପା ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା।

ଗତ ସୋମବାର ବାଲିମେଳା ନଗର ଭାଜପାର ବିଜୟ ଦାସଙ୍କ ନେତୃତ୍ୱରେ ୨୦ ଜଣ କର୍ମକର୍ତ୍ତା ଦଳରୁ ସମୂହ ଇସ୍ତଫା ଦେଇଥିବା ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଏହାପରେ ଜିଲା ଭାଜପା ସଭାପତି ନିମାଇଁ ଚନ୍ଦ୍ର ପାଲଙ୍କ ନିର୍ଦ୍ଦେଶକ୍ରମେ ବାଲିମେଳା ଭାଜପା ନଗର ସଭାପତି ଶିବଦତ୍ତ ସାହୁଙ୍କ ସମେତ ଦଳର ଅନ୍ୟ ନେତୃମଣ୍ଡଳୀ ଘଟଣାର ଅନୁସନ୍ଧାନ କରିଥିଲେ। ଏଥିସହ ଇସ୍ତଫାପତ୍ରରେ ଦସ୍ତଖତ କରିଥିବା ଏବଂ ନାମ ଉଲ୍ଲେଖ ଥିବା କର୍ମକର୍ତ୍ତାଙ୍କୁ ଏହି ଟିମ୍ ବ୍ୟକ୍ତିଗତ ଭାବେ ଭେଟି ବୁଝିଥିଲେ। କେତେଜଣ କର୍ମୀଙ୍କ ଅଜାଣତରେ ଇସ୍ତଫାପତ୍ରରେ ତାଙ୍କ ଜାଲ୍ ଦସ୍ତଖତ କରାଯାଇଥିବା ସେମାନେ ଦେଖିବାକୁ ପାଇଥିଲେ।

ଇସ୍ତଫାପତ୍ରରେ ଦସ୍ତଖତ ଓ ନାମ ଥିବା କର୍ମକର୍ତ୍ତାଙ୍କ ମଧ୍ୟରୁ ରଞ୍ଜିତ ବେହେରା, ବଳରାମ ସ୍ୱାଇଁ, କୁନୁ ପାଙ୍ଗୀ, ଉତ୍କଳ ଚନ୍ଦ୍ର ମୁଦୁଲି, ସୋନୁ ନାଗ, ସୁରେନ୍ଦ୍ର ସୋଡ଼ି, ଆଶୁ କଲଞ୍ଜିଆ ଓ ସୁଦର୍ଶନ ଡାକୁଆ ପ୍ରମୁଖ ମଙ୍ଗଳବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଉପସ୍ଥିତ ରହି ସେମାନେ ଇସ୍ତଫା ସମ୍ପର୍କରେ ଜାଣି ନ ଥିବା ଓ ତାଙ୍କ ନାମରେ କେହି ଜାଲ୍ ଦସ୍ତଖତ କରିଥିବା ଅଭିଯୋଗ ଆଣି ଗଣମାଧ୍ୟମକୁ କହିଥିଲେ। ନକଲି ଦସ୍ତଖତ ହୋଇଥିବା ୧୦ କର୍ମକର୍ତ୍ତାଙ୍କୁ ବାଦ୍ ଦେଲେ ଅନ୍ୟ ୧୦ ଜଣଙ୍କ ମଧ୍ୟରୁ ବିଜୟ କ୍ରିଷ୍ଣା ଦାସ, ଚିତ୍ରସେନ ସ୍ୱାଇଁ, ସୀମାଞ୍ଚଳ ପ୍ରଧାନ, ତ୍ରିନାଥ ସାହୁ ଏବଂ ପୂର୍ଣ୍ଣଚନ୍ଦ୍ର ଚାଲାଣ ଭାଜପାର କର୍ମକର୍ତ୍ତା ଥିଲେ। ଅବଶିଷ୍ଟ କର୍ମକର୍ତ୍ତାମାନେ କେବେ ବି ଭାଜପାର ପ୍ରାଥମିକ ସଦସ୍ୟ ନ ଥିବା ଓ କୌଣସି ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେଇ ନ ଥିବା ଭାଜପା ପକ୍ଷରୁ ସୂଚନା ଦିଆଯାଇଛି। ଜାତୀୟସ୍ତରରେ ପ୍ରଧାନମନ୍ତ୍ରୀଙ୍କ ଲୋକପ୍ରିୟତା ବୃଦ୍ଧି ପାଉଛି। ଏଭଳି ସ୍ଥିତିରେ ଯଦି ଜଣେ ୨ ଜଣ ଦଳୀୟ କର୍ମୀ ଇସ୍ତଫା ଦେବେ ତେବେ ଏହାର କୌଣସି ପ୍ରଭାବ ଦଳ ଉପରେ ପଡିବ ନାହିଁ ବୋଲି ବାଲିମେଳା ନଗର ସଭାପତି ଶିବଦତ୍ତ ସାହୁ କହିଛନ୍ତି।

ଖବରଦାତା ସମ୍ମିଳନୀରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶ୍ୟାମଲ ସୁନାନୀ, ସୁବାସ ପଡ଼ିଆମୀ, ମାଣିକଲାଲ ଚକ୍ରବର୍ତ୍ତୀ, ସାଧାରଣ ସମ୍ପାଦକ ଅକ୍ଷୟ ବିଶ୍ୱାଳ, ଅଶୋକ ପରିଡ଼ା, ଗଣେଶ ମଣ୍ଡଳ, ଯଜ୍ଞସେନ ସାମଲ, ଶୁଭାଶିଷ କର ଓ ପ୍ରଦୀପ ନାୟକ, ଅରୁଣ କୁମାର ପାତ୍ର, ମନୋଜ ଦେବ ପାଙ୍ଗୀ, ଜୋସେଫ ଦିଲୀପ ଓ ଶିବଦତ୍ତ ସାହୁଙ୍କ ସମେତ ଅନ୍ୟ କର୍ମୀମାନେ ଉପସ୍ଥିତ ଥିଲେ।



ବାଲିମେଳାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଭାଜପା କର୍ମକର୍ତ୍ତାମାନେ।

## ସଂକ୍ଷେପରେ

### ପ୍ରତିଭାଙ୍କୁ ସମ୍ବର୍ଦ୍ଧନା



ଗୁଣପୁର,୧୧।୧୦ (ପ୍ରଦୀପ କୁମାର ପାଢ଼ୀ)

ଗୁଣପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୬ଷ୍ଠ ଶ୍ରେଣୀର ଛାତ୍ରୀ ଅନ୍ୱେଷା ପଣ୍ଡା ଚଳିତ ବର୍ଷ ଅଖିଳ ଭାରତୀୟ ଛାତ୍ର ନିବନ୍ଧ ପ୍ରତିଯୋଗିତାରେ ଭାଗ ନେଇ ଓଡିଶା ପ୍ରାନ୍ତ ସ୍ତରରେ ୩ୟ ସ୍ଥାନ ଅଧିକାର କରି ଅନୁଷ୍ଠାନ ପାଇଁ ଗୌରବ ଆଣିଛନ୍ତି। ଛାତ୍ରୀ ଅନ୍ୱେଷାଙ୍କ ପିତା ଦିଲ୍ଲୀପ କୁମାର ପଣ୍ଡା ଜଣେ ଶିକ୍ଷକ ଓ ମାତା ଅଶ୍ୱିନୀ କୁମାରୀ ପଣ୍ଡା ଗୃହିଣୀ। ଏହି ସଫଳତା ପାଇଁ ଅନୁଷ୍ଠାନ ପରିସରରେ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ହୋଇଥିଲ। ଏହି ଅବସରରେ ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ୍ଲ କୁମାର ଶତପଥୀ, ସଭାପତି ବି. ଗଜପତି ରାଓ, ସମ୍ପାଦକ ସୋମନାଥ ଗୌଡ ଓ ପରିଚାଳନା ସମିତି ସଦସ୍ୟ ବୃନ୍ଦ ତଥା ସମସ୍ତ ଗୁରୁଜୀ ଗୁରୁମା ଅନ୍ୱେଷା ଓ ତାଙ୍କ ପରିବାର ଙ୍କୁ କୃତଜ୍ଞତା ଏବଂ ଶୁଭ କାମନା ଜଣାଇଛନ୍ତି ।

### ଗୁଣପୁରରେ ୨ ସ୍ଥାନରେ ଅଗ୍ନିକାଣ୍ଡ

ଗୁଣପୁର,୧୧।୧୦(ପ୍ରଦୀପ କୁମାର ପାଢ଼ୀ)

ଗୁଣପୁର ସହରରେ ବୁଧବାର ଦୁଇଟି ଭିନ୍ନ ସ୍ଥାନରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ି ନଷ୍ଟ ହୋଇଯାଇଛି। ୨ଟି ଯାକ ଅଗ୍ନିକାଣ୍ଡ ଶର୍ଟସର୍କିଟ ଯୋଗୁ ହୋଇଥିବା ଜଣାପଡିଛି। ବୁଧବାର ଭୋର ସମୟରେ ପୁରୁଣା ବସ୍‌ଷ୍ଟାଣ୍ଡ ଶୌଚାଳୟ ନିକଟରେ ଥିବା ସୁବୁଦ୍ଧି ହାରି ଓ ସୁବୁଦ୍ଧି ସାଜିଂବାଙ୍କ ଦୁଇଟି ଷ୍ଟେଶନାରି ଦୋକାନରେ ନିଆଁ ଲାଗିଯାଇଥିଲା। ସ୍ଥାନୀୟ ଲୋକେ ନିଆଁ ଲିଭାଇବାକୁ ଚେଷ୍ଟା କରୁଥିବାବେଳେ ଖବରପାଇ ଅଗ୍ନିଶମ ବାହିନୀ ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଏହି ଦୁଇ ଦୋକାନରେ ଘଟିଥିବା ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ଆସବାବପତ୍ର, ଫ୍ରିଜ୍ ଓ ଅନ୍ୟ ସାମଗ୍ରୀ ପୋଡ଼ିଯାଇଥିବା ଜଣାପଡ଼ିଛି। ସେହିପରି ଅପରାହ୍ନରେ ସ୍ଥାନୀୟ ହାଉସିଂ ବୋର୍ଡ କଲୋନୀରେ ଶିକ୍ଷକ ନବ ଶବରଙ୍କ ତାଲା ପଡ଼ିଥିବା ଘରେ ନିଆଁ ଲାଗି ଚାରିଆଡ଼ ଧୂଆଁମୟ ହୋଇଯାଇଥିଲା। ଦମକଳ ବାହିନୀ ଆସି ନବଙ୍କୁ ଖବର ଦେଇଥିଲେ। ସେ ଆସିବା ପରେ ଘରେ ପଶି ନିଆଁ ଲିଭାଇଥିଲେ। ଶର୍ଟସର୍କିଟ ହୋଇ ନିଆଁ ଲାଗି ଫ୍ରିଜ୍, ଏସି ସମେତ ଅନ୍ୟ ଆସବାବପତ୍ର ନଷ୍ଟ ହୋଇଯାଇଥିବା ଜଣାପଡ଼ିଛି।



# ଦଳୀୟ ସଙ୍ଗଠନର ପରାକାଷ୍ଠା ଦେଖାଇଲେ ଭାସ୍କର

## ରାୟଗଡ଼ାରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

ରାୟଗଡ଼ା,୧୧।୧୦(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ାଠାରେ ବିଜେଡି ପକ୍ଷରୁ ବୁଧବାର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଦଳର ରାଜ୍ୟ ଉପସଭାପତି ଏନ୍. ଭାସ୍କର ରାଓଙ୍କ ନେତୃତ୍ୱରେ ଆୟୋଜିତ ଏହି ପଦଯାତ୍ରାରେ ୧୦ ହଜାରରୁ ଊର୍ଦ୍ଧ୍ୱ କର୍ମୀ ଯୋଗଦେଇଥିଲେ। ରାୟଗଡ଼ା ବସ୍‌ଷ୍ଟାଣ୍ଡଠାରେ ଥିବା ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ ପରେ ପଦଯାତ୍ରା ଆରମ୍ଭ ହୋଇଥିଲା । ରାୟଗଡ଼ା ସହରର ବିଭିନ୍ନ ଅଞ୍ଚଳ ପରିକ୍ରମା କରି ସ୍ଥାନୀୟ ତେଜସ୍ୱୀ ପଡ଼ିଆଠାରେ ପଦଯାତ୍ରା ଶେଷ ହୋଇଥିଲା । ଗାନ୍ଧୀ ଜୟନ୍ତୀରୁ ରାଜ୍ୟବ୍ୟାପୀ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ମାଧ୍ୟମରେ ତୃଣମୂଳସ୍ତରରୁ ଲୋକଙ୍କ ସମସ୍ୟା ବୁଝି ବିଜେଡି ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅଞ୍ଚଳର ସ୍ଥିତି ସମ୍ପର୍କରେ ତଥ୍ୟ ପ୍ରଦାନ କରାଯିବ। ଏଥିସହ ଆଗାମୀ



ଜନସମ୍ପର୍କ ପଦଯାତ୍ରାରେ ଏନ୍. ଭାସ୍କର ରାଓ ଓ ଅନ୍ୟମାନେ।

ଦିନରେ ସମସ୍ତ ସମସ୍ୟାର ସମାଧାନ କରାଯିବ ବୋଲି ଏନ୍. ଭାସ୍କର ରାଓ କହିଛନ୍ତି। ଆଗାମୀ ସାଧାରଣ ନିର୍ବାଚନରେ ଜନସାଧାରଣ ପୁଣିଥରେ ବିଜେଡିକୁ ବିପୁଳ ଭୋଟରେ ବିଜୟୀ କରାଇବେ ବୋଲି ଭାସ୍କର ରାଓ କହିଛନ୍ତି।

ଏହି ପଦଯାତ୍ରାରେ ପୂର୍ବତନ ମନ୍ତ୍ରୀ ଲାଲବିହାରୀ ହିମିରିକା, ରାଜ୍ୟ ସମ୍ପାଦକ ଅମିୟ ସ୍ୱାଇଁ, ଚନ୍ଦ୍ରକାନ୍ତ ସାମଲ, ଜଗଦୀଶ ପାତ୍ର, ରାୟଗଡ଼ା ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ରଞ୍ଜିତ ରାୟ, ଜିଲା ଉପସଭାପତି ବିନାୟକ କର, ସାଧାରଣ ସମ୍ପାଦକ ଏମ୍. ଗଙ୍ଗାଧର, ବ୍ଲକ ଉପାଧ୍ୟକ୍ଷ ହର ହେପୃକା, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ଅନସୂୟା ମାଝି, ପୌରାଧ୍ୟକ୍ଷ ପି. ମହେଶ ପଟ୍ଟନାୟକ, ପୌର ଉପାଧ୍ୟକ୍ଷା ଶୁଭ୍ରା ପଣ୍ଡା, ଜିଲା ମହିଳା ସଭାନେତ୍ରୀ ଶର୍ମିଷ୍ଠା ପାଢ଼ୀ, ଜିଲା ବିଜେଡି ଯୁବ ସଭାପତି ଅବିନାଶ ବିଶୋଇ, ଟାଉନ ସଭାପତି ବି. ଜଗନମୋହନ ରାଓ, ଜିଲା ସମ୍ପାଦକ ଭି. କିରଣ କୁମାର, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଗଙ୍ଗାଧର ପୁଆଲା, ଜିଲା ସାଧାରଣ ସମ୍ପାଦକ ଇପିଲି ରାଜୁ, ଯୁବନେତା ତପନ ପେଦେଣ୍ଟି, ଶ୍ରୀକାନ୍ତ ଚୌଧୁରୀ, ପପୁ ପ୍ରବୀଣ କୁମାର, ଯୋଗେଶ ପେଦେଣ୍ଟି, ଯୁଗ୍ମ ସମ୍ପାଦକ ରାମୁ ଡୁବାଡିଙ୍କ ସମେତ ୧୦ ହଜାରରୁ ଊର୍ଦ୍ଧ୍ୱ କର୍ମୀ ଯୋଗଦେଇଥିଲେ । ଜେକେପୁର, ଚାନ୍ଦିଲି ଓ ଆଖପାଖ ଅଞ୍ଚଳରୁ ମଧ୍ୟ ବହୁ ଯୁବଗୋଷ୍ଠୀ, ମହିଳା କର୍ମୀ ରାଲିରେ ଆସି ବସ୍‌ଷ୍ଟାଣ୍ଡଠାରେ ଯୋଗଦେଇଥିଲେ। ରାଜ୍ୟ ସମ୍ପାଦକ ଅମିୟ ସ୍ୱାଇଁ, ଜିଲା ଉପସଭାପତି ବିନାୟକ କର ଓ ଯୁବନେତା ଅବିନାଶ ବିଶୋଇ ପ୍ରମୁଖ ଏହି ପଦଯାତ୍ରା ପରିଚାଳନା କରିଥିଲେ ।

# ବିଷମକଟକରେ କଂଗ୍ରେସର ପଦଯାତ୍ରା



ପଦଯାତ୍ରାରେ ସାମିଲ ହୋଇଥିବା କଂଗ୍ରେସ କର୍ମୀ।

ବିଷମକଟକ ୧୧ ।୧୦(ବିଭୂତି ଭୂଷଣ ନାୟକ)

ବିଷମକଟକଠାରେ ବୁଧବାର କଂଗ୍ରେସର ପଦଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଷମକଟକ ନିର୍ବାଚନ ମଣ୍ଡଳୀ ସଦର ମହକୁମାଠାରେ କଂଗ୍ରେସ ବିଧାୟକ ପ୍ରାର୍ଥୀ ନୀଳ ମାଧବ ହିକକାଙ୍କ ନେତୃତ୍ୱରେ ଏହି ପଦଯାତ୍ରାରେ ପ୍ରାୟ ୩ ହଜାରରୁ ଅଧିକ କର୍ମୀ ସାମିଲ ହୋଇ ସ୍ଥାନୀୟ କଲ୍ୟାଣ ମଣ୍ଡପଠାରୁ ବିଷମକଟକ ପରିକ୍ରମା କରିଥିଲେ।
କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପିସିସି ପ୍ରଚାର କମିଟି ଅଧ୍ୟକ୍ଷ ବିଜୟ ପଟ୍ଟନାୟକ ଯୋଗଦେଇ କଂଗ୍ରେସ କର୍ମୀଙ୍କୁ ଉତ୍ସାହିତ କରିଥିଲେ। ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ନିଜ ଅଞ୍ଚଳରେ ସଂଗଠନକୁ ଆହୁରି ମଜବୁତ କରିବା ପାଇଁ କର୍ମୀଙ୍କୁ ପରାମର୍ଶ ଦେଇଥିଲେ । ଏକଦା କଂଗ୍ରେସର ଗଡ଼ କୁହାଯାଉଥିବା ରାୟଗଡା ଜିଲାରେ କିଛି ନିର୍ବାଚନରେ କଂଗ୍ରେସ ଦଳକୁ ପରାଜୟ ସ୍ୱୀକାର କରିବାକୁ ପଡିଛି ସତ, ହେଲେ ତୃଣମୂଳସ୍ତରରେ ଆଜି ମଧ୍ୟ କଂଗ୍ରେସର ସଂଗଠନ ମଜବୁତ ରହିଛି । ଯାହାକୁ ଆହୁରି ମଜବୁତ କରିବା ନେଇ ପଟ୍ଟନାୟକ କଂଗ୍ରେସ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ । ତେବେ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବିଷମକଟକ ବିଧାୟକ ପ୍ରାର୍ଥୀ ନୀଳ ମାଧବ ହିକକା ବିଭିନ୍ନ ପଞ୍ଚାୟତର କଂଗ୍ରେସ କର୍ମୀଙ୍କ ସହ ସାମିଲ ହୋଇ ଏହି କାର୍ଯ୍ୟକ୍ରମ ଜାରି ରଖିଛନ୍ତି । ଏହାକୁ ନିରନ୍ତର ଜାରି ରଖିବା ପାଇଁ ସେ ସମସ୍ତ କର୍ମୀ ତଥା ନୀଳମାଧବ ହିକକାଙ୍କୁ ଉତ୍ସାହିତ କରିଥିଲେ । ବିଷମକଟକ ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ପାଇଁ ନୀଳମାଧବଙ୍କୁ ପୂର୍ବରୁ ପିସିସି ତରଫରୁ ସବୁଜ ସଂକେତ ମିଳିସାରିଥିବାବେଳେ ଆଜିର ଏହି କାର୍ଯ୍ୟକ୍ରମ ଦ୍ୱାରା ତାଙ୍କର ଦବଦବା ଆହୁରି ବଢ଼ିଯାଇଥିବା ଚର୍ଚ୍ଚା ହେଉଛି। ଏହି କାର୍ଯ୍ୟକ୍ରମରେ ଏମ୍‌ପି ପ୍ରତିନିଧି ମାନସ ରଞ୍ଜନ ବେହେରା, ଚନ୍ଦ୍ର ଶେଖର କୁସଲିଆ, ବ୍ଲକ ସଭାପତି ନୀଳାମ୍ବର ବିଭାର, କୃଷ୍ଣ ନାଣକାଙ୍କ ସମେତ ପ୍ରମୁଖ କଂଗ୍ରେସ ନେତା ଉପସ୍ଥିତ ଥିଲେ ।

# ପଦ୍ମପୁରରେ ସାଇବର ସୁରକ୍ଷା ସଚେତନତା





ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

ପଦ୍ମପୁର,୧୧ ।୧୦(ପ୍ରଶାନ୍ତ କୁମାର କର)

ରାୟଗଡ଼ା ଜିଲା ପଦ୍ମପୁର ବିଜୟାନନ୍ଦ ହାଇସ୍କୁଲ ପରିସରରେ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାଇବର ଠକେଇରୁ ସୁରକ୍ଷା ପାଇଁ ଲୋକଙ୍କୁ ସଚେତନ କରାଯିବା ଲାଗି ପଦ୍ମପୁର ବିଜୟାନନ୍ଦ ହାଇସ୍କୁଲ ପଡ଼ିଆଠାରେ ଏକ ଶୋଭାଯାତ୍ରା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ହାଇସ୍କୁଲ ପ୍ରଧାନ ଶିକ୍ଷକ ହୃଷୀକେଶ ରଥଙ୍କ ସହ ଛାତ୍ରୀଛାତ୍ର, ବିଭିନ୍ନ ଅନୁଷ୍ଠାନର ପ୍ରତିନିଧି, ଜନତା ଓ ପୋଲିସ କର୍ମଚାରୀ ସାମିଲ ହୋଇଥିଲେ। ଛାତ୍ରୀଛାତ୍ରମାନେ ପ୍ରଥମେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ପରେ ସେମାନେ ସାଇବର ସୁରକ୍ଷା ଓ ସଚେତନତା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ କୋହିନୂର ଶବରଙ୍କ ନିର୍ଦ୍ଦେଶନାରେ କୁନି ଛାତ୍ରୀଛାତ୍ରମାନେ ନୃତ୍ୟ ପରିବେଷଣ କରିଥିଲେ। ପରେ ଏକ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉକ୍ତ ପ୍ରତିଯୋଗିତାକୁ ଶିକ୍ଷକ ଭି. ଚକ୍ରଧର, ରଞ୍ଜନ କୁମାର ବେହେରା, ଅଭ୍ୟାସ ଟେକ୍ନୋ ସ୍କୁଲର ଶିକ୍ଷୟିତ୍ରୀ ଗାୟତ୍ରୀ ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପଦ୍ମପୁର ଥାନା ଆଇଆଇସି ରଞ୍ଜନ କୁମାର ମାଝୀ, ବିଜୟାନନ୍ଦ ହାଇସ୍କୁଲ ପ୍ରଧାନ ଶିକ୍ଷକ ହୃଷୀକେଶ ରଥ, ପଦ୍ମପୁର ଅତିରିକ୍ତ ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ ପ୍ରମୁଖ ସାଇବର ସୁରକ୍ଷା ଉପରେ କହିଥିଲେ। କାର୍ଯ୍ୟକ୍ରମରେ କେନ୍ଦୁଗୁଡା ଫାଣ୍ଡିର ଅଧିକାରୀ ଏସ୍‌ଏନ୍ ବେହେରା, ଏଏସ୍‌ଆଇ ଆନନ୍ଦ ବିଭର, ଥାନା ଏଏସ୍‌ଆଇ ଜେକେ ସାହୁଙ୍କ ସହ ପଦ୍ମପୁର ଓ କେନ୍ଦୁଗୁଡା ଫାଣ୍ଡିର ସମସ୍ତ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ। ପରେ ଭୁବନେଶ୍ୱର ଉତ୍କଳ ସଂଗୀତ ମହାବିଦ୍ୟାଳୟ ରବୀନ୍ଦ୍ର ସାହୁ ଓ ଇପ୍‌ସିତା ସାହୁ ପଥପ୍ରାନ୍ତ ନାଟକ ମାଧ୍ୟମରେ ଲୋକଙ୍କୁ ସଚେତନ କରାଇଥିଲେ। ଏଥିରେ ପଦ୍ମପୁରର ବହୁ ଜନସାଧାରଣ ଯୋଗଦାନ କରିଥିଲେ।

## ବିଶ୍ୱ ମାନସିକ ଦିବସ

ଗୁଣପୁର,୧୧।୧୦(ପ୍ରଦୀପ କୁମାର ପାଢ଼ୀ)

ରାୟଗଡା ଜିଲା ଗୁଣପୁର ବ୍ଲକ ଅଫିସର ସମ୍ମିଳନୀ କକ୍ଷରେ ମଙ୍ଗଳବାର ବିଶ୍ୱ ମାନସିକ ଦିବସ ପାଳିତ ହୋଇଛି। ଗୁଣୁପୁର ତାଲୁକ ଆଇନ ସେବା ସଂସ୍ଥା ପକ୍ଷରୁ ଏହି କାର୍ଯ୍ୟକ୍ରମ ପାଳନ କରାଯାଇଛି । ତାଲୁକ ଆଇନ ସେବା ସଂସ୍ଥାର ଅଧ୍ୟକ୍ଷ ତଥା ଗୁଣପୁର ଅତିରିକ୍ତ ଜିଲା ଜଜ୍ ଶେଖ ମହମ୍ମଦ କ୍ୱାଇସି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସବ ଜଜ୍ ସନ୍ତୋଷ କୁମାର ମହାପାତ୍ର, ଏସଡିଜେଏମ ସାନ୍ତଶ୍ରୀ ମହାନ୍ତି, ଜେଏମଏଫସି ଦେବାନ ସତ୍ୟଦର୍ଶୀ ନନ୍ଦ, ସାହାରା ପରିବାର ପରାମର୍ଶ କେନ୍ଦ୍ରର ସଚିବ ପ୍ରମୋଦ କୁମାର ସାହୁ, ସଭାପତି ଉମା ପଟ୍ଟନାୟକ ଏବଂ ଡାକ୍ତର ରମେଶ ସାହୁ, ଗୁଣୁପୁର ସିଡିପିଓ ସୁଷମା ପ୍ରସାଦ ଯୋଗ ଦେଇଥିଲେ। ଅତିଥିମାନେ ତାଙ୍କ ବକ୍ତବ୍ୟରେ ମାନସିକ ବିକାରଗ୍ରସ୍ତ ରୋଗୀଙ୍କୁ ସ୍ନେହ ଆଦର କରିବାକୁ ପରାମର୍ଶ ଦେଇଥିଲେ। ଏଥିସହ ଯଦି କୌଣସି ବ୍ୟକ୍ତି ମାନସିକ ବିକାରଗ୍ରସ୍ତ ଲୋକଙ୍କୁ ଖରାପ ବ୍ୟବହାର ପ୍ରଦର୍ଶକ କରନ୍ତି, ତେବେ ଧାରା ୨୦୧୭ ମାନସିକ ଆଇନ ଅନୁଯାୟୀ ତାଙ୍କୁ ଦଣ୍ଡିତ କରାଯିବ ବୋଲି ଜଣାଇଥିଲେ ।

# ସାଇବର ଠକେଇ ସୁରକ୍ଷା ସଚେତନତା





କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଗୁଣପୁର,୧୧।୧୦ (ପ୍ରଦୀପ କୁମାର ପାଢ଼ୀ)

ଗୁଣପୁର ଆଦର୍ଶ ଥାନା ପକ୍ଷରୁ ସ୍ଥାନୀୟ ମହାବିଦ୍ୟାଳୟ ପରିସରରେ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଛି। ଏଥିରେ ଗୁଣପୁର ଉପ ଜିଲାପାଳ ଲଳିତ କୁମାର କହଁର ମୁଖ୍ୟ ଅତିଥି ରୂପେ ଯୋଗଦେଇ ସାଇବର ଠକାମିରୁ କିପରି ନିଜକୁ ସୁରକ୍ଷିତ କରି ରଖିବେ ସେ ସମ୍ପର୍କରେ ଛାତ୍ରୀଛାତ୍ର, ଅଙ୍ଗନବାଡି କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ଗୁଣପୁର ପିଏ ଆଇଟିଡିଏ ଅଧିକାରୀ ଶାନ୍ତିପ୍ରଭା ପ୍ରଧାନ, ଗୋଷ୍ଠି ଉନ୍ନୟନ ଅଧିକାରୀ ଶୁଭ୍ରାଞ୍ଜଳି ପ୍ରଧାନ, ଅତିରିକ୍ତ ତହସିଲଦାର ଅଂଶୁମାନ ପରିଡା, ଆସିଷ୍ଟାଣ୍ଟ କଲେକ୍ଟର ସତ୍ୟଜିତ ନାୟକ, ସିଡ଼ିପିଓ ସୁଷମା ପ୍ରସାଦ ଓ ପ୍ରାଧ୍ୟାପକ ସୂର୍ଯ୍ୟନାରାୟଣ ପଣ୍ଡା ପ୍ରମୁଖ ଯୋଗଦେଇ ସାଇବର ସୁରକ୍ଷା ସଚେତନତା ଦିଗରେ ପରାମର୍ଶ ଦେଇଥିଲେ। ଗୁଣପୁର ମହାବିଦ୍ୟାଳୟର ଅଧ୍ୟକ୍ଷ ଶଶୀ ଭୂଷଣ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଏହି ସଚେତନତା ବାର୍ତ୍ତା ପୁରପଲ୍ଲୀରେ ପହଞ୍ଚାଇବାକୁ ଛାତ୍ରୀଛାତ୍ରଙ୍କୁ ଅନୁରୋଧ କରିଥିଲେ। ଅଧ୍ୟାପକ ଜଗନ୍ନାଥ ଦୀପ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ ଅଧ୍ୟାପିକା ଡକ୍ଟର ଦେବିଶ୍ରୀ ମହାପାତ୍ର କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ସବଇନ୍ସପେକ୍ଟରେ ଅଶୋକ କୁମାର ପାଢ଼ୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଶେଷରେ ଆଇଆଇସି ଭଉମ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ବହୁ ଛାତ୍ରୀଛାତ୍ର ଉପସ୍ଥିତ ରହିଥିଲେ। ଆଦିବାସୀ ବାଦ୍ୟର ତାଳେ ତାଳେ ଆଦିବାସୀ ବେଷଭୂଷାରେ ଛାତ୍ରୀଛାତ୍ର ନୃତ୍ୟ କରି ସାଇବର ସଚେତନତା ରଥକୁ କଲେଜ ଭିତରକୁ ପାଛୋଟି ଆଣିଥିଲେ । ଏନସିସି ,ଏନଏସ ଏସ ଓ ୱାଇଆରସିର ସ୍ୱେଚ୍ଛାସେବୀ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ । ଏଚଡିଏଫସି ବ୍ୟାଙ୍କ ତରଫରୁ ଏକ କ୍ଷୁଦ୍ରନାଟକ ପରିବେଷିତ ହୋଇଥିଲା । ସାଇବର ସୁରକ୍ଷା ମାଷ୍କଟ ଏହି କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା ।

# ରାୟଗଡ଼ା ସହର ସମସ୍ୟା ନେଇ ଭାଜପାର ଦାବିପତ୍ର

ରାୟଗଡ଼ା,୧୧।୧୦(ଭାଗ୍ୟଶ୍ରୀ ମିଶ୍ର)

ରାୟଗଡ଼ା ସହରର ବିଭିନ୍ନ ସମସ୍ୟାର ସମାଧାନ ଦାବି କରି ବୁଧବାର ଭାଜପା ନଗର କମିଟି ପକ୍ଷରୁ ଜିଲାପାଳ ସ୍ୱାଧାଦେବ ସିଂଙ୍କୁ ୪ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ଭାଜପା ଜିଲା ସମ୍ପାଦକ ପଦ୍ମନାଭ ଦାସଙ୍କ ତତ୍ତ୍ୱାବଧାନରେ ଏହି ଦାବିପତ୍ର ଦିଆଯାଇଛି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ରାୟଗଡା ସହରର ହନୁମାନ ମନ୍ଦିର ନିକଟ ଭୂତଳ ରାସ୍ତା ମରାମତି ପାଇଁ ବନ୍ଦ ଥିବାରୁ ରାୟଗଡ଼ାବାସୀ ଯିବାଆସିବା ଲାଗି ଓଭରବ୍ରିଜ୍ ଉପରେ ନିର୍ଭର କରୁଛନ୍ତି । କିନ୍ତୁ ବର୍ତ୍ତମାନ ଓଭରବ୍ରିଜ୍ ଅବସ୍ଥା ବିପଦସଙ୍କୁଳ





ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଥିବାରୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ଏହାର ମରାମତି କରିବା, ଜନସାଧାରଣଙ୍କ ସୁରକ୍ଷା ପାଇଁ ରାୟଗଡ଼ା ଓଭରବ୍ରିଜ୍ ଉପରେ ସକାଳ ୭ରୁ ରାତି ୯ଟା ଯାଏ ଭାରିଯାନ ଯାତାୟାତ ବନ୍ଦ କରାଯିବାକୁ ଦାବି ହୋଇଛି। ସେହିଭଳି ରାୟଗଡ଼ା ପୌର ପରିଷଦ ଅଧୀନ ଚିକେନ ଫାର୍ମର ବସ୍ତିବାସିନ୍ଦାଙ୍କୁ ଉଚ୍ଛେଦ ପାଇଁ ରେଳୱେ ପକ୍ଷରୁ ନୋଟିସ ଜାରି କରାଯାଇଛି। କିଛିବର୍ଷ ତଳେ ରାୟଗଡା ତହସିଲ ପକ୍ଷରୁ ବସ୍ତିବାସିନ୍ଦାଙ୍କ ପାଇଁ ୧୪ ଏକର ଜମି ଚିହ୍ନଟ କରାଯାଇଥିଲା। ଉକ୍ତ ଜମିରେ କୁକୁଡ଼ା ଫାର୍ମ ବାସିନ୍ଦାଙ୍କ ବସତି ସ୍ଥାପନ ପାଇଁ ଦାବି, ରାୟଗଡାବାସୀ ରାଣୀଗୁଡା ଫାର୍ମରୁ ମା' ମଝିଘରିଆଣୀ ମନ୍ଦିରକୁ ଯିବା ଲାଗି ସଂଯୋଗ ରାସ୍ତା ଉପରେ ନିର୍ଭର କରୁଥିଲେ। କିନ୍ତୁ ଏହି ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଥିବା ବେଳେ ବିଜୁଳି ବ୍ୟବସ୍ଥା ମଧ୍ୟ ନାହିଁ। ତେଣୁ ଉଭୟ ରାସ୍ତାର ମରାମତି ଓ ବିଦ୍ୟୁତ୍ ବ୍ୟବସ୍ଥା ତୁରନ୍ତ କରିବାକୁ ଦାବି କରାଯାଇଛି । ଜିଲାପାଳଙ୍କୁ ଦାବିପତ୍ର ଦେବା ସମୟରେ ଅଜୟ ବୁଲେଟ, ଝରଣା ମହାନ୍ତି, ନୂତନ ବର୍ମା ଏବଂ ଶିବା ଭାସ୍କର ଓ ଅନ୍ୟ ଭାଜପା କର୍ମୀମାନେ ଉପସ୍ଥିତ ଥିଲେ ।

# ରାଜ୍ୟ ବିଜେଡି ଛାତ୍ର ଉପସଭାପତିଙ୍କୁ ସମ୍ବର୍ଦ୍ଧନା

ପଦ୍ମପୁର, ୧୧।୧୦(ପ୍ରଶାନ୍ତ କୁମାର କର)

ରାଜ୍ୟ ଛାତ୍ର ବିଜେଡି ଉପସଭାପତି ବିଷ୍ଣୁ ପ୍ରସାଦ ପଣ୍ଡା ଓ ଜିଲା ବିଜୁ ଛାତ୍ର ଜନତା ଦଳ ସଭାପତି ନେତ୍ରାନନ୍ଦ ଶବରଙ୍କୁ ପଦ୍ମପୁର ବ୍ଲକ୍ ବିଜୁ ଜନତା ଦଳ ସଂଗଠନ ପକ୍ଷରୁ ମୁରୁକିପଦର ଛକଠାରେ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି ଅବସରରେ ଏକ ବାଇକ୍ ଶୋଭାଯାତ୍ରା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଜୁ ଜନତା ଦଳ ଜିଲା ସାଧାରଣ ସମ୍ପାଦକ ଦୁର୍ଗାପ୍ରସାଦ ସାହୁ, ପୂର୍ବତନ ବିଧାୟକ ତ୍ରିନାଥ ଗମାଙ୍ଗ, ବ୍ଲକ ବିଜୁ ଜନତା ଦଳ ସଭାପତି ତଥା ଜିଲା ପରିଷଦ ସଦସ୍ୟ ରବିନାରାୟଣ ଆଚାର୍ଯ୍ୟ, ଯୁବ ବିଜୁ ଜନତା ଦଳର ସଭାପତି ପ୍ରଶାନ୍ତ କୁମାର ଦଳେଇ, ବରିଷ୍ଠ ନେତା ସୁରେଶ ମିଶ୍ର, ବରିଷ୍ଠ ଯୁବନେତା ବୁଲୁ ସାହୁ, ପଦ୍ମପୁର ବ୍ଲକ ଉପାଧ୍ୟକ୍ଷ ରମେଶ ସାହୁ, ବରିଷ୍ଠ ନେତା ଦେବାନନ୍ଦ ପଣ୍ଡା, ଜିଲା ଛାତ୍ର ଜନତା ଦଳ ସମ୍ପାଦକ ଶ୍ରୀରାମ ପ୍ରସାଦ, ଛାତ୍ର ଜନତା ଦଳ ସଭାପତି କ୍ଷୀରୋଦ ପଟ୍ଟନାୟକ, ଯୁବନେତା ବଳରାମ ଦାସ, ଯୁବନେତା ଚକ୍ରକଂସ ବେହେରା, ଯୁବନେତା ଲକ୍ଷ୍ମଣ ସାହୁଙ୍କ ସମେତ ଶତାଧିକ ଦଳୀୟ କର୍ମୀ, ବୁଦ୍ଧିଜୀବୀ, ସମସ୍ତ ପଞ୍ଚାୟତର ନିର୍ବାଚିତ ପ୍ରତିନିଧି, କର୍ମକର୍ତ୍ତା ବାଇକ୍ ରାଲିରେ ଯୋଗଦେଇ ସମଗ୍ର ପଦ୍ମପୁର ଅଞ୍ଚଳ ପରିକ୍ରମା କରିଥିଲେ।



ବାଇକ୍ ଶୋଭାଯାତ୍ରାରେ ସାମିଲ ହୋଇଥିବା ବିଜେଡି ନେତା ଓ କର୍ମୀ।

# ଜିଲାରେ ୭୭ ମିଶନ ଶକ୍ତି କର୍ମୀଙ୍କୁ ସ୍କୁଟି ବଣ୍ଟନ





ଜିଲାପାଳ ସ୍ୱାଧାଦେବ ସିଂ ହିତାଧିକାରୀଙ୍କୁ ସ୍କୁଟି ବଣ୍ଟନ କରୁଛନ୍ତି।

## ଶୁଭାରମ୍ଭ ହେଲା ସ୍କୁଟର ଯୋଜନା

ରାୟଗଡ଼ା,୧୧।୧୦
(ଆଶିଷ ରଞ୍ଜନ ପଣ୍ଡା/ଭାଗ୍ୟଶ୍ରୀ ମିଶ୍ର)

ସ୍କୁଟର ଯୋଜନାରେ ରାୟଗଡ଼ା ଜିଲାରେ ୫୩୬୩ ସ୍କୁଟି ବଣ୍ଟନ ପାଇଁ ଟାର୍ଗେଟ ଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୭୭ଜଣ ମିଶନ ଶକ୍ତି ମହିଳାଙ୍କୁ ସ୍କୁଟି ପ୍ରଦାନ କରାଯାଇଛି । ରାୟଗଡ଼ା ଜିଲାରେ ସ୍କୁଟି ପାଇଁ ସର୍ବମୋଟ ୧୨୫୦ଟି ଆବେଦନ ପତ୍ର ଆସିଥିବା ବେଳେ ୧୨୪୫ଟି ନିମନ୍ତେ ବ୍ୟାଙ୍କକୁ ଲୋନ୍ ପାଇଁ ପଠାଯାଇଥିଲା । ସେଥିରୁ ୨୪୮ଟି ସ୍କୁଟି ପାଇଁ ବ୍ୟାଙ୍କ ଋଣ ପ୍ରଦାନ କରିଛି । ରାୟଗଡ଼ା ଜିଲାରେ ବଣ୍ଟନ ହୋଇଥିବା ୭୭ଟି ସ୍କୁଟି ମଧ୍ୟରୁ ରାୟଗଡ଼ା ବ୍ଲକର ୧୪ଟି ଏବଂ କୋଲନରା ବ୍ଲକର ୬ଟି ସ୍କୁଟି ପ୍ରଦାନ କରାଯାଇଛି । ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ଜିଲାପାଳ ସ୍ୱାଧାଦେବ ସିଂ ଉପସ୍ଥିତ ରହି ହିତାଧିକାରୀଙ୍କୁ ସ୍କୁଟି ପ୍ରଦାନ କରିଥିଲେ । ସେହିଭଳି ବିଷମକଟକ ବ୍ଲକରେ ୨୭ଟି ମଧ୍ୟରୁ ୭ଟି, ଚନ୍ଦ୍ରପୁର ବ୍ଲକରେ ୬ଟି ମଧ୍ୟରୁ ୫ଟି, ଗୁଡ଼ାରି ବ୍ଲକରେ ୧୧ଟି ମଧ୍ୟରୁ ୧, ଗୁଣପୁର ବ୍ଲକରେ ୧୫ଟି ମଧ୍ୟରୁ ୧୨ଟି, କଲ୍ୟାଣସିଂହପୁର ବ୍ଲକରେ ୪୦ଟି ମଧ୍ୟରୁ ୧୪ଟିସ୍କୁଟିପ୍ରଦାନକରାଯାଇଛି। କାଶୀପୁର ବ୍ଲକରେ ୫୭ଟି ମଧ୍ୟରୁ ୧୫ଟି, ମୁନିଗୁଡ଼ା ବ୍ଲକରେ ୧୦ରୁ ଗୋଟିଏ, ପଦ୍ମପୁର ବ୍ଲକରେ ୬ରୁ ଗୋଟିଏ, ରାମନାଗୁଡ଼ା ବ୍ଲକରେ ୧୩ଟି ମଧ୍ୟରୁ ୧ଟି ସ୍କୁଟି ପ୍ରଦାନ କରାଯାଇଛି । ଆଗାମୀ ଦିନରେ ବଳକା ସମସ୍ତଙ୍କୁ ସ୍କୁଟି ପ୍ରଦାନ କରାଯିବ ବୋଲି ମିଶନ ଶକ୍ତି ପକ୍ଷରୁ ସୂଚନା ମିଳିଛି ।

# ପଞ୍ଜୀକରଣ ନମ୍ବର ପ୍ଲେଟ ବିନା ହିତାଧିକାରୀଙ୍କୁ ସ୍କୁଟି

ରାୟଗଡ଼ା,୧୧।୧୦ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲାରେ ସ୍କୁଟର ଯୋଜନାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ସ୍କୁଟି ବଣ୍ଟନ କରାଯାଇଛି। ତେବେ ଯୋଜନାରେ ଆରମ୍ଭରୁ ଠକେଇ ହୋଇଥିବା ଦେଖିବାକୁ ମିଳିଛି । ଜିଲା ସଦର ମହକୁମାରେ ବଣ୍ଟନ ହୋଇଥିବା ସ୍କୁଟି ମଧ୍ୟରୁ ୯ଟି ସ୍କୁଟିରେ ନମ୍ବର ପ୍ଲେଟ ଲାଗି ନ ଥିବା ଦେଖିବାକୁ ମିଳିଛି। ପରିବହନ ବିଭାଗ ନିୟମାନୁଯାୟୀ ବିନା ପଞ୍ଜୀକରଣରେ ଗାଡ଼ି ଶୋରୁମ୍ ବାହାରକୁ ବାହାର କରିବା ନିୟମ ନ ଥିବା ବେଳେ ଏହି ୯ଟି ଗାଡ଼ି କିଭଳି ବାହାରିଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏଭଳିକି ଗାଡ଼ି ସହିତ ପ୍ରଦାନ କରାଯାଉଥିବା ମାଗଣା ହେଲମେଟ ମଧ୍ୟ ହିତାଧିକାରୀଙ୍କୁ ମିଳି ନ ଥିଲା। ତେବେ ବିନା ନମ୍ବର ପ୍ଲେଟରେ ଗାଡ଼ି କିଭଳି ଶୋରୁମ୍ ବାହାରକୁ ଆସିଲା ତାହା ତଦନ୍ତ ସାପେକ୍ଷ । ଏନେଇ ମିଶନ ଶକ୍ତି ଡିପିଏ ନରେଶଙ୍କୁ ପଚାରିବାରୁ ନମ୍ବର ପ୍ଲେଟ ଆବେଦନ ହୋଇଛି। ଏହା ଆସିବାକୁ ଏକ ସପ୍ତାହରୁ ଊର୍ଦ୍ଧ୍ୱ ସମୟ ଲାଗେ ବୋଲି କହିଛନ୍ତି । ଆଜି ଯୋଜନା ଶୁଭାରମ୍ଭ ପାଇଁ ଗାଡ଼ି ଆଣି ପୁଣି ଥରେ ଶୋରୁମକୁ ହସ୍ତାନ୍ତର କରି ଦିଆଯାଇଛି ଏବଂ ନମ୍ବର ପ୍ଲେଟ ଲାଗିବା ପରେ ହିତାଧିକାରୀଙ୍କୁ ପ୍ରଦାନ କରାଯିବ ବୋଲି ଡିପିଏ ନରେଶ ସୂଚନା ଦେଇଛନ୍ତି।



ବିନା ପଞ୍ଜୀକରଣରେ ବଣ୍ଟନ ହୋଇଥିବା ସ୍କୁଟି।

## ସଂକ୍ଷେପରେ

### ସ୍ୱାସ୍ଥ୍ୟକେନ୍ଦ୍ରରେ ଟ୍ରକ୍ ଡ୍ରାଇଭରଙ୍କ ଅସ୍ୱାଭାବିକ ମୃତ୍ୟୁ

ଲକ୍ଷ୍ମୀପୁର,୧୧।୧୦ (ଅନନ୍ତ ନାୟକ)

ଲକ୍ଷ୍ମୀପୁର ବ୍ଲକ କାକିରିଗୁମା ସ୍ୱାସ୍ଥ୍ୟକେନ୍ଦ୍ରରେ ବୁଧବାର ଜଣେ ଟ୍ରକ୍ ଡ୍ରାଇଭରଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟିଛି। ସେ ହେଲେ ରଘୁରାଜ ତମାର (୪୫) । ସ୍ୱାସ୍ଥ୍ୟ ଖରାପ ହେତୁ ତମାର ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ଚିକିତ୍ସିତ ହେଉଥିବା ବେଳେ ଛାତିରେ ଯନ୍ତ୍ରଣା ଅନୁଭବ କରୁଥିବା ପ୍ରକାଶକରି ଡାକ୍ତର ମନୀଷ ଓରାମଙ୍କୁ ନିଜ ଠିକଣା କହିଥିଲେ । ଏହାର୨ ମିନିଟ୍ ପରେ ସେ ତଳେ ପଡ଼ିଯାଇଥିଲେ । ତାଙ୍କୁ ପରୀକ୍ଷା କରି ତମାରଙ୍କ ମୃତ୍ୟୁ ହୋଇଥିବା ଡାକ୍ତର ଜାଣିପାରିଥିଲେ। ଏନେଇ ଡାକ୍ତର ଓରାମ କାକିରିଗୁମା ଥାନାକୁ ଅବଗତ କରାଇଥିଲେ। ଏଏସ୍ଆଇ ଶଙ୍କର ତାଡିଙ୍ଗି ପହଞ୍ଚି ମୃତଦେହ ଜବତ କରିଥିଲେ । ତମାରଙ୍କ ଘର ମଧ୍ୟପ୍ରଦେଶର ମାରାନା ଜିଲା ଅନ୍ତର୍ଗତ ଚିଚାବାଲ ଗ୍ରାମରେ ବୋଲି ଜଣାପଡିଛି। ତାଙ୍କର ହୃଦ୍‌ଘାତରେ ମୃତ୍ୟୁ ହୋଇଥିବା ଏଏସ୍ଆଇ ତାଡିଙ୍ଗି ପ୍ରକାଶ କରିଛନ୍ତି।

### କାଠଫାଳିଆରେ ଆକ୍ରମଣ କରି ସ୍ତ୍ରୀଙ୍କୁ ହତ୍ୟା

ଜୟପୁର, ୧୧।୧୦ (ପବନ ପାଣିଗ୍ରାହୀ)

ଜୟପୁର ସହର ଡଙ୍ଗାଗୁଡାରେ କାଠଫାଳିଆରେ ଆକ୍ରମଣ କରି ଜଣେ ବ୍ୟକ୍ତି ତାଙ୍କ ସ୍ତ୍ରୀ ଙ୍କୁ ହତ୍ୟା କରିଛନ୍ତି। ସେ ହେଲେ ଭଗତ ହରିଜନ (୬୩)। ଖବରରୁ ଜଣାପଡିଛି, ଡମ୍ବୁ ପରଜା ନାମକ ବ୍ୟକ୍ତି ବୁଧବାର ଟାଉନ ଥାନାରେ ସାବତ ବାପା ଭଗତ ହରିଜନ ତାଙ୍କ ମା କୁସୁମା ହରିଜନ ଏଲୟସ କୁସୁମା ପରଜା (୫୬)ଙ୍କୁ କାଠଫାଳିଆରେ ଆକ୍ରମଣ କରି ହତ୍ୟା କରିଥିବା ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାସ୍ଥଳରୁ ମୃତଦେହ ଜବତ କରିଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଅଭିଯୁକ୍ତ ସ୍ୱାମୀ ଭଗତଙ୍କୁ ବୋରିଗୁମ୍ମାରୁ ଗିରଫ କରାଯାଇଛି। ନବରଙ୍ଗପୁରରୁ ସାଇଣ୍ଟିଫିକ ଟିମ ତଦନ୍ତ କରି ଫେରିଛନ୍ତି। ହତ୍ୟାରେ ବ୍ୟବହୃତ କାଠ ଫାଳିଆକୁ ଜବତ କରାଯାଇଛି। ସ୍ତ୍ରୀ ଖାଇବାକୁ ଦେବାରେ ବିଳମ୍ବ କରିବାରୁ ସ୍ୱାମୀ ଭଗତ ଉତ୍ୟକ୍ତ ହୋଇ ତାଙ୍କୁ ହତ୍ୟା କରିଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି । ସୂଚନାଯୋଗ୍ୟ, ଭଗତ ତାଙ୍କ ପ୍ରଥମ ସ୍ତ୍ରୀଙ୍କୁ ବୋରିଗୁମ୍ମାରେ ହତ୍ୟା କରି ୧୫ ବର୍ଷ ଜେଲଦଣ୍ଡ ଭୋଗିଥିଲେ। ବର୍ତ୍ତମାନ ଦ୍ୱିତୀୟ ସ୍ତ୍ରୀଙ୍କୁ ହତ୍ୟା କରିଥିବା ଟାଉନ ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର କହିଛନ୍ତି।

### ଜୁଖାରି ଆଶ୍ରମ ବିଦ୍ୟାଳୟରେ ଅବ୍ୟବସ୍ଥା କାର୍ଯ୍ୟ ଦିବସରେ ବିଦ୍ୟାଳୟ ବନ୍ଦ

ବୋରିଗୁମ୍ମା,୧୧।୧୦(ବିଜୟ ସାହୁ)

ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ ଜୁଖାରି ଆଶ୍ରମ ବିଦ୍ୟାଳୟରେ ଦିନକୁ ଦିନ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡୁଥିବା ଅଭିଯୋଗ ହେଉଛି। ବୁଧବାର କାର୍ଯ୍ୟ ଦିବସରେ ଏହି ଆଶ୍ରମ ବିଦ୍ୟାଳୟକୁ ଛୁଟି ଘୋଷଣା କରାଯିବା ସହ ଶିକ୍ଷାଦାନ ବନ୍ଦ ରହିଥିବା ଦେଖିବାକୁ ମିଳିଥିଲା। ଖବରରୁ ଜଣାପଡିଛି, ଜୁଖାରୀ ଆଶ୍ରମ ବିଦ୍ୟାଳୟ ହଷ୍ଟେଲରେ ୧୩୭ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଏଥିପାଇଁ ଜଣେ ପ୍ରଧାନ ଶିକ୍ଷକ, ଜଣେ ସହକାରୀ ଶିକ୍ଷକ ଓ ଜଣେ ଅସ୍ଥାୟୀ ଶିକ୍ଷକ ନିଯୁକ୍ତି ହୋଇଛନ୍ତି। ବୁଧବାର ଜଣେ ଶିକ୍ଷକ ସୁରଭି କାର୍ଯ୍ୟକ୍ରମ ରେ ଯୋଗ ଦେବାକୁ ଯାଇଥିବା ବେଳେ ଅନ୍ୟ ଜଣେ ଶିକ୍ଷକ ସୁନାବେଡାରେ ହେଉଥିବା ଟ୍ରେନିଂରେ ଯୋଗ ଦେବାକୁ ଯାଇଛନ୍ତି। ଅନ୍ୟ ଜଣେ ଅସ୍ଥାୟୀ ଶିକ୍ଷକ ଆସି ନ ଥିବା ଯୋଗୁ ବିଦ୍ୟାଳୟ ବନ୍ଦ ରହିଥିବା କହିଛନ୍ତି ପାଚିକା ସେବତୀ। ରାଜ୍ୟ ସରକାର ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତିମାନଙ୍କ ଶିକ୍ଷାଲାଭ ଲାଗି ବହୁ ଅର୍ଥ ବ୍ୟୟ କରୁଥିବା ବେଳେ ଏପରି ଅବ୍ୟବସ୍ଥା ନେଇ ଅଭିଭାବକମାନେ ପ୍ରଶ୍ନ ଉଠାଇଛନ୍ତି।

### ଏସ୍‌ଡିସି କପ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ଜୟପୁର, ୧୧।୧୦ (ପବନ ପାଣିଗ୍ରାହୀ)

ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଏସଡିସି କପ ଟୁର୍ନାମେଣ୍ଟ ବୁଧବାର ଜୟପୁର ଦଶହରା ପଡିଆଠାରେ ଉଦ୍‌ଘାଟିତ ହୋଇଛି । ବିଧାୟକ ତାରାପ୍ରସାଦ ବାହିନୀପତି ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ତିଲୋତ୍ତମା ମୁଦୁଲି, ବିଡିଓ ରାଜୀବ ଦାସ, ଜିଲା ପରିଷଦ ସଭ୍ୟା ତପତି ପଟ୍ଟନାୟକ,ଏସଡିସି ସଦସ୍ୟ ବୈଦନାଥ ନାୟକ, ଟଙ୍କଧର ହଲବା, ଉନ୍ନୟନ ପରିଷଦ ସଦସ୍ୟ ସୂର୍ଯ୍ୟ ନାରାୟଣ ରଥ,ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଆଭା ପ୍ରଧାନ, ବାଲା ରାୟ, ବିଭିନ୍ନ ହାଇସ୍କୁଲର ପିଇଟି ଶିକ୍ଷକମାନେ ଉପସ୍ଥିତ ଥିଲେ।

# ଜିଲାର ୧୧ ବ୍ଲକ, ଗୋଟିଏ ସହରାଞ୍ଚଳରେ ବଣ୍ଟନ ହେଲା ୧୫୬ ସ୍କୁଟର

## ମୁଖ୍ୟମନ୍ତ୍ରୀ ମିଶନ ଶକ୍ତି ସ୍କୁଟର ଯୋଜନାର ଶୁଭାରମ୍ଭ

କୋରାପୁଟ, ୧୧।୧୦(ଅମିତାଭ ବେହେରା)



ମିଶନ ଶକ୍ତି ଯୋଜନାରେ ମା'ମାନେ ପାଇଥିବା ସ୍କୁଟର।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ବୁଧବାର ମିଶନ ଶକ୍ତି ବିଭାଗର ମିଶନ ଶକ୍ତି ସ୍କୁଟର ଯୋଜନା ଶୁଭାରମ୍ଭ ହୋଇଛି । ଏହି ଯୋଜନାର ପ୍ରଥମ ପର୍ଯ୍ୟାୟରେ କୋରାପୁଟ ଜିଲାର ସିଆରପି, ଏମବିକେ, ବ୍ୟାଙ୍କ ମିତ୍ର ଓ ମହାସଂଘର ମା'ମାନଙ୍କୁ ୧୫୬ଟି ସ୍କୁଟର ପ୍ରଦାନ କରାଯାଇଥିଲା । କୋରାପୁଟ ଜିଲାପାଳ କାର୍ଯ୍ୟାଳୟଠାରେ ଥିବା ୱସୱାନ ରୁମରେ ଭରଚ୍ୟୁଆଲ ମୋଡରେ କରାଯାଇଥିବା ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝି, ଜିଲା ସମାଜ ମଙ୍ଗଳ ଅଧିକାରୀ ଅନ୍ନପୂର୍ଣ୍ଣା କୁଣ୍ଡୁ, ମିଶନ ଶକ୍ତିର ଜିଲା ପ୍ରକଳ୍ପ ସଂଯୋଜକ ଜୟକୃଷ୍ଣ ମହାପାତ୍ର, ଡିପିଏମ ପ୍ରିୟମ୍ବଦା ବିଶୋୟୀ ଓ ବ୍ୟାଙ୍କ ଅଧିକାରୀ ତଥା ମହାସଂଘର ମା'ମାନେ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ଏହି ଯୋଜନାର ଶୁଭାରମ୍ଭ କରିବା ପରେ ସମସ୍ତଙ୍କ ଉପସ୍ଥିତିରେ ଅତିରିକ୍ତ ଜିଲାପାଳ ମାଝି ପତାକା ଦେଖାଇ କୋରାପୁଟ ଜିଲାରେ ସ୍କୁଟର ଯୋଜନାର ଶୁଭାରମ୍ଭ କରିବା ସହ ଏହାଦ୍ୱାରା ମିଶନ ଶକ୍ତିର ସମସ୍ତ କାର୍ଯ୍ୟକ୍ରମକୁ ଅଧିକ ତରାନ୍ୱିତ କରାଯାଇପାରିବ ବୋଲି କହିଥିଲେ । ସୂଚନାଯୋଗ୍ୟ, ବର୍ତ୍ତମାନ ସୁଦ୍ଧା ଜିଲାର ୩୧୦ ଜଣ ମିଶନ ଶକ୍ତିର ମା ମାନଙ୍କୁ ସ୍କୁଟର ପ୍ରଦାନ ପାଇଁ ସ୍ଥିର କରାଯାଇଥିବାବେଳେ ପ୍ରଥମ ପର୍ଯ୍ୟାୟରେ ଜିଲାର ବୈପାରିଗୁଡା, ବନ୍ଧୁଗାଁ, ବୋରିଗୁମ୍ମା, ଦଶମନ୍ତପୁର, ଜୟପୁର, କୋରାପୁଟ, କୋଟପାଡ, କୁନ୍ଦୁରା, ଲମତାପୁଟ ପଟ୍ଟାଙ୍ଗି, ସେମିଳିଗୁଡା ଆଦି ୧୧ଟି ବ୍ଲକ ଓ ସୁନାବେଡା ସହରାଞ୍ଚଳର ମା'ମାନଙ୍କୁ ୧୫୬ଟି ସ୍କୁଟର ପ୍ରଦାନ କରାଯାଇଛି । ସେଥିମଧ୍ୟରୁ ସେମିଳିଗୁଡା ବ୍ଲକରେ ସର୍ବାଧିକ ୬୦ଟି ସ୍କୁଟର ପ୍ରଦାନ କରାଯାଇଥିବାବେଳେ ବୈପାରିଗୁଡା ବ୍ଲକରେ ୭ଟି, ବନ୍ଧୁଗାଁ ବ୍ଲକରେ ୧୧ଟି, ବୋରିଗୁମ୍ମା ବ୍ଲକର ୧୪, ଦଶମନ୍ତପୁର ବ୍ଲକରେ ୩, ଜୟପୁର ବ୍ଲକରେ ୧୦, କୋରାପୁଟ ବ୍ଲକରେ ୩୦, କୋଟପାଡ ବ୍ଲକରେ ୯ , କୁନ୍ଦୁରା ବ୍ଲକରେ ୮, ଲମତାପୁଟ ବ୍ଲକରେ ଗୋଟିଏ, ପଟ୍ଟାଙ୍ଗି ବ୍ଲକରେ ୨ ଏବଂ ସୁନାବେଡା ସହରାଞ୍ଚଳରେ ଗୋଟିଏ ସ୍କୁଟର ପ୍ରଦାନ କରାଯାଇଥିବା ମିଶନ ଶକ୍ତି ପକ୍ଷରୁ କୁହାଯାଇଛି। ଏହିଯୋଜନାରେ ରାଜ୍ୟ ସରକାର ଜିଲାର ୨୩୬ ପଞ୍ଚାୟତର ୬ ହଜାର୨୭୫ ଜଣଙ୍କୁ ସ୍କୁଟର ପ୍ରଦାନ ଲକ୍ଷ୍ୟ ରଖିଛନ୍ତି। ବର୍ତ୍ତମାନ ସୁଦ୍ଧା ଏଥିପାଇଁ ୧୮୦୬ ଜଣ ଆବେଦନ କରିଛନ୍ତି। ଜିଲାର ୧୮ଟି ବ୍ୟାଙ୍କକୁ ୧୬୯୨ ଜଣଙ୍କୁ ଋଣ ଦେବା ପାଇଁ କୁହାଯାଇଛି। ବ୍ୟାଙ୍କଗୁଡିକ ପକ୍ଷରୁ ସମସ୍ତ କାଗଜପତ୍ର ଯାଞ୍ଚ ପରେ ସେଥିରୁ ୩୧୦ଜଣ ମା'ମାନଙ୍କୁ ସ୍କୁଟର ପ୍ରଦାନ ପାଇଁ ଅର୍ଥ ଅନୁମୋଦନ ହୋଇଛି। ପ୍ରଥମ ପର୍ଯ୍ୟାୟରେ ସେଥିରୁ ୧୫୬ ଜଣଙ୍କୁ ସ୍କୁଟର ପ୍ରଦାନ କରାଯାଇଥିବା ମିଶନ ଶକ୍ତି ପକ୍ଷରୁ କୁହାଯାଇଛି।

# ଶିକ୍ଷାର ଉନ୍ନତି ପାଇଁ କ୍ରୀଡ଼ାର ମହତ୍ତ୍ୱ ସର୍ବାଧିକ: ଏସ୍‌ପି

## ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପିତ

କୋରାପୁଟ,୧୧।୧୦(ଅମିତାଭ ବେହେରା )

କୋରାପୁଟ ସରକାରୀ ମହାବିଦ୍ୟାଳୟର ୪୭ତମ ବାର୍ଷିକ କ୍ରୀଡା ଉତ୍ସବ- ୨୦୨୩ ବୁଧବାର ଉଦଯାପିତ ହୋଇଯାଇଛି। ତିନିଦିନ ବ୍ୟାପି ମହାବିଦ୍ୟାଳୟର ମିନି ଷ୍ଟାଡିୟମରେ ଚାଲିଥିବା ଏହି ଉତ୍ସବର ଉଦଯାପନୀ ସଭାରେ ଅଧ୍ୟକ୍ଷ ଦୀପକ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ କୋରାପୁଟ ଏସପି ଅଭିନବ ସୋନକାର ଯୋଗଦେଇ ଶିକ୍ଷାର ବିକାଶ ପାଇଁ କ୍ରୀଡ଼ାର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଉତ୍ତମ ସ୍ୱାସ୍ଥ୍ୟ ଓ ଚରିତ୍ର ଗଠନ ପାଇଁ କ୍ରୀଡା ଅତ୍ୟନ୍ତ ଅପରିହାର୍ଯ୍ୟ। ସମ୍ମାନିତ ଅତିଥି ଡ. ଜୟନ୍ତ ମହାନ୍ତି ଯୋଗଦେଇ ଛାତ୍ରୀଛାତ୍ରମାନେ ପରୀକ୍ଷା କୈନ୍ଦ୍ରିକ ନ ହୋଇ ସମାଜ କୈନ୍ଦ୍ରିକ ଶିକ୍ଷା ପ୍ରତି ଆଗ୍ରହ ପ୍ରକାଶ କରିବାକୁ ପରାମର୍ଶ ଦେଇଥିଲେ। ଅଧ୍ୟକ୍ଷ ପଟ୍ଟନାୟକ ଚଳିତବର୍ଷ କ୍ରୀଡା ଉତ୍ସବରେ ଅଧିକ ସଂଖ୍ୟାରେ ଛାତ୍ରଛାତ୍ରୀ ଯୋଗଦେବା ମହାବିଦ୍ୟାଳୟ ପାଇଁ ଶୁଭଙ୍କର ବୋଲି କହିଥିଲେ। ଅଥଲେଟିକ ଆସୋସିଏସନ ଉପଦେଷ୍ଟା ଅମରେଶ ଆଚରି ବାର୍ଷିକ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମକୁ କ୍ରୀଡା ପରିଷଦର ସଦସ୍ୟ ଡ, ପ୍ରକାଶ ପ୍ରଧାନ, ଅର୍ଜୁନ ଚରଣ ବେହେରା, ଅରୁଣ ମୁଦୁଲି ଆୟୋଜନ କରିଥିଲେ। କୋବିଦ ପ୍ରଧାନ, ଡ. ଅଜୟ ବେହେରା, ଦିଲୀପ ସାହୁ, ବ୍ରହ୍ମଚାରୀ ଖମାରୀ, ରଞ୍ଜନ ବାରିକ, ଅଧାପିକା ଅନୁପମା ଖୋସଲା ପରିଚାଳନା କରିଥିଲେ।

ଆନ୍ତର୍ଜାତିକ କନ୍ୟା ଦିବସ ରେ ଜିଲା ସମାଜ ମଙ୍ଗଳ କଲ୍ୟାଣ ବିଭାଗ, ଆକ୍ସନଏଡ଼ ଏବଂ ୟୁନିସେଫ ମିଳିତ ଉଦ୍ୟମ ରେ କିଶୋରୀ ମାନଙ୍କୁ ସଶକ୍ତି କରଣ କରିବା ନିମନ୍ତେ ବୁଧବାର ସ୍ଥାନୀୟ ଉଚ୍ଚ ବାଳିକା ବିଦ୍ୟାଳୟ, କୋରାପୁଟଠାରେ ଏକ ଅଣପାରମ୍ପରିକ କ୍ରୀଡା ଆଦ୍ୱିକା କପ୍ ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ।ଜିଲା ସମାଜ ମଙ୍ଗଳ କଲ୍ୟାଣ ଅଧିକାରୀ ଅନ୍ନପୂର୍ଣ୍ଣା କୁଣ୍ଡୁ,ଜିଲା ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ଗାୟତ୍ରୀ ପାତ୍ର, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଅର୍ପିତା ପ୍ରଧାନ ଯୋଗ ଦେଇ ବାଳକମାନଙ୍କଠାରୁ ବାଳିକା ମାନେ କୌଣସି ଗୁଣରେ କମ୍ ନୁହନ୍ତି ବୋଲି କହିଥିଲେ।

# ୨ଶହରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କ ଭତ୍ତା ଟଙ୍କା ହଡ଼ପ ଅଭିଯୋଗ

## ୫ବର୍ଷ ହେଲା ଦରମା ନ ପାଇ ଖର୍ଚ୍ଚ କରିଦେଇଛି: ପିଇଓ

ନନ୍ଦପୁର, ୧୧।୧୦ (ଶଙ୍କର ପୂଜାରୀ)

୪ମାସର ଭତ୍ତା ନ ପାଇ ବୁଧବାର ୨ଶହରୁ ଊର୍ଦ୍ଧ୍ୱ ବୃଦ୍ଧାବୃଦ୍ଧ ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ କରିଥିଲେ। ନନ୍ଦପୁର ବ୍ଲକ ରାଇସିଂ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ)ବ୍ଲକ ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ମାସିକ ଦେଢ଼ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ନେଇ ଗତ ୪ ମାସ ହେଲା ବାଣ୍ଟି ନ ଥିବା ଜଣାପଡିବା ପରେ ଭତ୍ତା ହିତାଧିକାରୀମାନେ ଏପରି ଘେରାଉ କରିଥିବା ଜଣାପଡିଛି। ସରପଞ୍ଚ ଜଗବନ୍ଧୁ ଚେଟି, ନାଏବ ସରପଞ୍ଚ ମଣିମା ମାଝୀ, ସମିତି ସଭ୍ୟ ବବି ଖିଲ, ୱାର୍ଡ ସଭ୍ୟ ମୋହନ ମାସଡି, ବଳରାମ ଖିଲ, ମଧୁ ପାଙ୍ଗି, ଦସୁ ପାଙ୍ଗି, ପୂର୍ବତନ ସରପଞ୍ଚ ତ୍ରିନାଥ ବଡ଼ନାୟକ ପ୍ରମୁଖ ଏପରି ଅଭିଯୋଗ କରିଛନ୍ତି। କିଛି ହିତାଧିକାରୀଙ୍କ ଭତ୍ତା ଟଙ୍କା ୫୦୦ରୁ ୩୦୦ ଟଙ୍କା ଦେଇ ବଳକା ୨୦୦ ଟଙ୍କା ପରେ ନେବ ବୋଲି କହି ପିଇଓ ଲିଖିତ ରସିଦ ଦେଇଥିବା ହିତାଧିକାରୀମାନେ କହିଛନ୍ତି। ସକାଳ ୧୦ଟାରୁ ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ କରାଯାଇଥିବା ସୂଚନା ପାଇ ଅପରାହ୍ନରେ ବିଡିଓ ସୁଜିତ ମିଶ୍ର, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସରିତା ଓରାମ, ଜିପିଇଓ ବେଦାନ୍ତ ମାଝୀ, ବିପିଏମ ବିଚିତ୍ରା ରାଉତ ପ୍ରମୁଖ ରାଇସିଂ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ ହିତାଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଉପସ୍ଥିତ ପଞ୍ଚାୟତ ପିଇଓ ଅରୂପ ବେନିଆଙ୍କୁ ପଚାରି ବାରୁ ସେ ଗତ ୫ବର୍ଷ ହେଲା ବିନା ଦରମାରେ କାର୍ଯ୍ୟ କରୁଛନ୍ତି। ତାଙ୍କ ପୂର୍ବ କାର୍ଯ୍ୟସ୍ଥଳ ଲମତାପୁଟ, ବୋରିଗୁମ୍ମା, ବୈପାରିଗୁଡାରୁ ଏଲପିସି ମିଳି ନ ଥିବାରୁ ତାଙ୍କୁ ୪ ବର୍ଷର ଦରମା ସାଙ୍ଗକୁ ନନ୍ଦପୁର ବ୍ଲକରେ ଯୋଗଦାନର ବର୍ଷେ ପୂରିବାକୁ ବସିଥିଲେ ମଧ ଦରମା ମିଳୁନାହିଁ। ଫଳରେ ସେ ଭତ୍ତା ଟଙ୍କା ଖର୍ଚ୍ଚ କରି ଦେଇଥିବା ବିଡ଼ିଓ ମିଶ୍ରଙ୍କୁ କହିଛନ୍ତି। ଗୁରୁବାର ସନ୍ଧ୍ୟା ସୁଦ୍ଧା ସେ ସମସ୍ତ ଭତ୍ତା ହିତାଧିକାରୀଙ୍କ ବକେୟା ଟଙ୍କା ପରିଶୋଧ କରିବେ। ଏହା ଖିଲାପ କଲେ ଆଇନ ଅନୁଯାୟୀ ଦଣ୍ଡିତ ହେବେ ବୋଲି ବିଡିଓ କହିଛନ୍ତି। ଗୁରୁବାର ଭତ୍ତା ଟଙ୍କା ପ୍ରଦାନ କରିବା ସମୟରେ ବ୍ଲକର ଏକ ପ୍ରତିନିଧି ଦଳ ଉପସ୍ଥିତ ରହିବେ। ଆପଣଙ୍କ କଥା ରଖି ଘରକୁ ଯାଉଛୁ। ଯଦି ଗୁରୁବାର ଭତ୍ତା ନ ମିଳେ ତେବେ ସମସ୍ତେ ଯାଇ କୋରାପୁଟ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବସିବୁ ବୋଲି ବୃଦ୍ଧାବୃଦ୍ଧମାନେ ପ୍ରକାଶ କରିଛନ୍ତି।

# ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ଜୟପୁର, ୧୧।୧୦ (ପବନ ପାଣିଗ୍ରାହୀ)

ଜଗନ୍ନାଥ ସାଗର ପଞ୍ଚାନନ ମନ୍ଦିର ନିକଟରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ବୁଧବାର ଟାଉନଥାନା ପୋଲିସ ଜବତ କରିଛି। ସେ ପଞ୍ଚାନନ ମନ୍ଦିର ନିକଟରେ ରହୁଥିବା ବିଜୟ ନାୟକ ବୋଲି ଜଣାପଡିଛି। ଜଗନ୍ନାଥ ସାଗରରେ ଲଗାଯାଇଥିବା ବାଡରେ ଜଣେ ଯୁବକଙ୍କ ମୃତଦେହ ଝୁଲୁଥିବା ଖବରପାଇ ପୋଲିସ ପହଞ୍ଚି ଏହାକୁ ଜବତ କରିଥିଲା। ବଜୟ ୮ ଦିନ ହେଲା ପାରିବାରିକ କଳହ ଯୋଗୁ ସାଗର ତଟ ନିର୍ମାଣାଧୀନ ପାର୍କରେ ରହୁଥିଲେ। ବୁଧବାର ସେ ଆତ୍ମହତ୍ୟା କରିଥିବା ଜଣାପଡିଛି।

# ଅନ୍ତର୍ଜାତୀୟ କନ୍ୟା ଦିବସ ପାଳିତ



ବୈପାରିଗୁଡା,୧୧।୧୦ (କଳ୍ପତରୁ ମହାନ୍ତି)

ଅର୍ନ୍ତଜାତୀୟ କନ୍ୟା ଦିବସ ପ୍ରରିପେକ୍ଷୀରେ ବୈପାରିଗୁଡା ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ବ୍ଲକରେ ଥିବା ୧୯୫ଟି ବିଦ୍ୟାଳୟରେ ଛାତ୍ରୀମାନଙ୍କ ମଧ୍ୟରେ ପ୍ରବନ୍ଧ, ବକ୍ତୃତା, ସଙ୍ଗୀତ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ବ୍ଲକସ୍ତରରେ ଏକ ସଚେତନତା ଶୋଭାଯାତ୍ରା ହୋଇଥିଲା। ଏଥିରେ ବ୍ଲକ ଶିକ୍ଷାଧିକାରୀ ସୁକାନ୍ତ କର୍ଣ୍ଣାମିଙ୍କ ସମେତ ସିଆରସିସିମାନେ ଯୋଗ ଦେଇଥିଲେ।

# ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

ଜୟପୁର, ୧୧।୧୦ (ପବନ ପାଣିଗ୍ରାହୀ)




ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଜୟପୁର ଗାନ୍ଧୀ ଛକଠାରେ ବୁଧବାର ଅନୁଷ୍ଠିତ ହୋଇଛି। ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ନିକଟରେ ଶପଥ ପାଠ କାର୍ଯ୍ୟକ୍ରମ ପରେ ଗାନ୍ଧୀ ଛକ ଓ ଏହାର ଆଖପାଖ ଅଞ୍ଚଳରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଉପଜିଲାପାଳ ପ୍ରଭାତ ପରିଡା, ଏସଡିପିଓ ହରିସ ବିସି, ପୌରାଧ୍ୟକ୍ଷ ନରେନ୍ଦ୍ର ମହାନ୍ତି, ଉପାଧ୍ୟକ୍ଷ ବି. ସୁନିତା, ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ଟାଉନ ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର, ସାଦର ଥାନା ଅଧିକାରୀ ଈଶ୍ୱର ତାଣ୍ଡିଙ୍କ ସହ ଏନସିସି କ୍ୟାଡେଟ,ଏସଏଚଜି ଗ୍ରୁପ, ସଫେଇ, କର୍ମଚାରୀ ଓ ସୁପଭାଇଜରମାନେ ଉପସ୍ଥିତ ଥିଲେ। ସେହିପରି ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଠାରେ ଜିଲା ଚିକିତ୍ସାଧିକାରୀ ଅରୁଣ ପାଢୀ, ହସ୍‌ପିଟାଲ ମ୍ୟାନେଜର ରୁପସି ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଭାରତୀୟ ଖାଦ୍ୟ ନିଗମ ଜୟପୁର ମଣ୍ଡଳ କାର୍ଯ୍ୟାଳୟ ପକ୍ଷରୁ ବିକ୍ରମଦେବ ବିଶ୍ୱ ବିଦ୍ୟାଳୟଠାରେ ସ୍ୱଚ୍ଛତା ହିଁ ସେବା ଅଭିଯାନ ଅନୁଷ୍ଠିତ ହୋଇଛି। ଏଫସିଆଇ ପ୍ରବନ୍ଧକ ଆଶିସ ଭୌମିକ, କୈଳାସ ଚନ୍ଦ୍ର ଶର୍ମା ଏବଂ ସହାୟକ ଗୌରହରି ସାହୁ, ବିରି ପ୍ରଧାନ, ମନୋଜ ନାଥ, ହେମନ୍ତ ବିଶ୍ୱାଳ, ନିରଜ ବର୍ମା ଏବଂ ରଞ୍ଜିତ ମଲ୍ଲିକ କାର୍ଯ୍ୟକ୍ରମରେ ସାମିଲ ହୋଇ ଜନ ସାଧାରଣଙ୍କୁ ସ୍ୱଚ୍ଛତା ନେଇ ସଚେତନ କରିଥିଲେ। ଏକମ୍ରାସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋଚ୍ଛନା ମିଶ୍ର ସଭାପତିତ୍ୱ କରିଥିଲେ। ଗୋଷ୍ଠୀ ଶିକ୍ଷାଧିକାରୀ ଚନ୍ଦନ ନାୟକ ମୁଖ୍ୟ ଅତିଥି, ସିଆରସିସି ସର୍ବେଶ୍ୱର ପଟ୍ଟନାୟକ ସମ୍ମାନିତ ଅତିଥି ରୂପେ ଉପସ୍ଥିତ ଥିଲେ। ସରକାରୀ ମହାରଣା ହୀରାଦେବୀ ପୌର ଉଚ୍ଚ ବିଦ୍ୟାଳୟରେ ମଧ ସ୍ୱଚ୍ଛ ଭାରତ ସେବା ଦିବସ ପାଳିତ ହୋଇଛି । ପ୍ରଧାନ ଶିକ୍ଷୟିତ୍ରୀ ସ୍ୱାତୀ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ପୂର୍ବତନ ପ୍ରଧାନ ଶିକ୍ଷକ କିଶୋର ପଣ୍ଡା, ଆଲୁମିନି ସଭାପତି ଲକ୍ଷ୍ମୀକାନ୍ତ ମିଶ୍ର, ବରିଷ୍ଠ ଆଲୁମିନି ଜି. ନାଗାରାଜୁ, ସତ୍ୟ ନାରାୟଣ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

# ଧାରଣାରେ ବସିବେ, ପୁଣି ନେବେ ସମୂହ ଛୁଟି

## ରାଜ୍ୟ ମିଳିତ ଅମଲା ମଞ୍ଚର କାର୍ଯ୍ୟକାରିଣୀ ବୈଠକ

ଜୟପୁର,୧୧।୧୦ (ପବନ ପାଣିଗ୍ରାହୀ)

ରାଜ୍ୟ ମିଳିତ ଅମଲା ମଞ୍ଚର କାର୍ଯ୍ୟକାରିଣୀ ବୈଠକ କଟକସ୍ଥିତ ଓଡ଼ିଶା ରାଜ୍ୟ ନୌବାଣିଜ୍ୟ ସଂଗ୍ରହାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ମିଳିତ ଅମଲା ମଞ୍ଚ ଅଧ୍ୟକ୍ଷ ନାରାୟଣ ଦାଶ ସଭାପତିତ୍ୱ କରିଥିଲେ। ରାଜ୍ୟ ମିଳିତ ଅମଲା ମଞ୍ଚ ଆବାହକ ଚିତ୍ତରଞ୍ଜନ ତରାସିଆଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ବୈଠକରେ ରାଜ୍ୟର ୩୦ ଜିଲାର ଆବାହକ ଓ ଅଧ୍ୟକ୍ଷମାନେ ଯୋଗଦେଇଥିଲେ। ରାଜ୍ୟ ଟ୍ରେଜେରି ଅମଲା ସଂଘ ସଭାପତି, ସମ୍ପାଦକ, ନିବନ୍ଧକ ଅମଲା ସଂଘ ସଭାପତି, ସମ୍ପାଦକ ଓ ରାଜ୍ୟ ରାଜସ୍ୱ ଅମଲା ସଂଘ ସମ୍ପାଦକ ଏହି ଅବସରରେ ନିଜ ମତ ରଖିଥିଲେ। କନିଷ୍ଠ ସହାୟକଙ୍କ ୪୨୦୦ ଗ୍ରେଡ୍‌ପେ ଦାବି ପୂରଣ ନେଇ ସରକାର ଦେଇଥିବା ପ୍ରତିଶ୍ରୁତି ୪ ମାସ ଅତିକ୍ରମ କରିଯାଇଥିଲେ ମଧ ଦାବି ପୂରଣ ହୋଇ ନ ଥିବାରୁ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଆସନ୍ତା ୨୫ ସୁଦ୍ଧା ଯଦି ଦାବି ପୂରଣ ନ ହୁଏ ୨୬ରୁ ସମସ୍ତ ଜିଲାସ୍ତରୀୟ ଅମଲା ସମୂହ ଛୁଟିରେ ରହି ପୁଣିଥରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ବୈଠକରେ କୋରାପୁଟ ଜିଲା ପକ୍ଷରୁ ମିଳିତ ଅମଲା ମଞ୍ଚ ସଭାପତି ଶଶିଭୂଷଣ ଦାଶ ସଭାପତିତ୍ୱ କରିଥିଲେ। ସମ୍ପାଦକ ନିତ୍ୟାନନ୍ଦ ଭତ୍ରା ବୈଠକରେ ନିଜ ମତ ରଖିଥିଲେ।

# ସାଂସ୍କୃତିକ କାର୍ଯ୍ୟକ୍ରମରେ ସାଇବର ଠକେଇ ସଚେତନତା

କୋଟପାଡ,୧୧।୧୦(କେ. ରାଜଶେଖର ରାଓ)

କୋରାପୁଟ ଜିଲା କୋଟପାଡରେ ସାଇବର ଠକେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏସ୍‌ପି ଅଭିନବ ସୋନାକରଙ୍କ ନିର୍ଦ୍ଦେଶରେ କୋଟପାଡ଼ ଆଇଆଇସିଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ସାଇବର ଠକେଇଠାରୁ କିପରି ଦୂରେଇ ରହିବ ସେନେଇ କୋଟପାଡ଼ ମହାବିଦ୍ୟାଳୟ, ସରକାରୀ ଉଚ୍ଚ ବିଦ୍ୟାଳୟ ଓ ବଡ଼ଦାଣ୍ଡଠାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ଏଥିରେ ତହସିଲଦାର ଶକ୍ତିକାନ୍ତ ମହାପାତ୍ର, ବୋରିଗୁମ୍ମା ଏସ୍‌ଡିପିଓ ଶୁଭେନ୍ଦୁ ଶବର, ଥାନା ଅଧିକାରୀ ପରମାନନ୍ଦ ସୁନାନୀ, ସାଇବର ସେଲ୍ ଇନ୍ସପେକ୍ଟର ସତ୍ୟଭାମା ବେହେରା,ଏଏସ୍ଆଇ ପଦ୍ମନ ନାୟକ,ଏସ୍ଆଇ ଚନ୍ଦ୍ରପ୍ରଭା ମହାନ୍ତି, ଚାନ୍ଦଲି ଫାଣ୍ଡି ଅଧିକାରୀ ସୁନୀଲ ସ୍ୱାଇଁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଦେଶରେ ସାଇବର ଠକେଇ ବହୁମାତ୍ରାରେ ବୃଦ୍ଧି ପାଇବାରେ ଲାଗିଛି। ଜନସାଧାରଣ ସାଇବର ଠକଙ୍କ ପ୍ରଲୋଭନରେ ପଡ଼ି ଠକେଇର ଶିକାର ହେଉଛନ୍ତି। ଏପରି ଠକାମିରୁ କିପରି ଦୂରେଇ ରହିବ ସେନେଇ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା। ଏହି ଅବସରରେ ପୋଲିସ ପକ୍ଷରୁ ଏକ ସଚେତନା ଗାଡ଼ିର ଶୁଭାରମ୍ଭ ହୋଇଥିଲା। ଏହି ଗାଡ଼ି ବିଭିନ୍ନ ସ୍ଥାନ ପରିକ୍ରମା କରି ଡାକବାଜି ଯନ୍ତ୍ରରେ ପ୍ରଚାର ଏବଂ ପଥପ୍ରାନ୍ତ ନାଟକ ମାଧ୍ୟମରେ ଜନସାଧାରଣଙ୍କୁ ସାଇବର ଠକେଇରୁ କିପରି ସୁରକ୍ଷିତ ରହିପରିବେ ସେ ନେଇ ସଚେତନ କରିଥିଲା। କୋଟପାଡରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଏବଂ ମହାବିଦ୍ୟାଳୟ ଓ ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଭିନ୍ନ କୁଇଜ ପ୍ରତିଯୋଗିତା ଆୟୋଜନ କରି ଲୋକଙ୍କୁ ସଚେତ କରାଯାଇଥିଲା।

# ଆଲୋଚନା ହୋଇଛି, ସମସ୍ୟା ସମାଧାନ ହେବ: ବିଡିଓ

## ସମସ୍ୟାରେ ଗାଙ୍ଗରାଜପୁର ଉନ୍ନୀତ ଉଚ୍ଚ ବିଦ୍ୟାଳୟ

- ସମାଧାନ ପ୍ରତି ଗୁରୁତ୍ୱ ଦେଉନି ପ୍ରଶାସନ
- ଦୀର୍ଘବର୍ଷ ହେଲା ଖାଲି ପଡ଼ିଛି ପ୍ରଧାନ ଶିକ୍ଷକ ପଦବୀ

ପଟ୍ଟାଙ୍ଗି,୧୧।୧୦(ଶରତ ଧଳ)




ଗାଙ୍ଗରାଜପୁର ଉନ୍ନୀତ ଉଚ୍ଚ ବିଦ୍ୟାଳୟ।

ରାଜ୍ୟରେ କିପରି ଶିକ୍ଷା ଓ ସ୍ୱାସ୍ଥ୍ୟସେବାରେ ସୁଧାର ଆସିବ ଏନେଇ ରାଜ୍ୟ ସରକାର ସର୍ବଦା ଗୁରୁତ୍ୱ ଦେଉଛନ୍ତି। ତେବେ ପ୍ରଶାସନିକ କ୍ଷେତ୍ରରେ ତତ୍ପରତା ଅଭାବରୁ ଏଥିରେ ସୁଫଳ ମିଳୁନାହିଁ। ଦିନକୁ ଦିନ ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥା ଦୁର୍ବଳ ହୋଇପଡୁଛି। ଏନେଇ ଅଭିଭାବକମାନେ ଚିନ୍ତାରେ ଥିବା ବେଳେ ଛାତ୍ରୀଛାତ୍ରମାନେ ଉପଯୁକ୍ତ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ଏପରି ଦେଖିବାକୁ ମିଳିଛି କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ସଦର ମହକୁମାରୁ ୪ କି.ମି. ଦୂରରେ ଥିବା ଗାଙ୍ଗରାଜପୁର ଉନ୍ନୀତ ଉଚ୍ଚ ବିଦ୍ୟାଳୟ କ୍ଷେତ୍ରରେ। ଏହି ବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୨୨୫ ଛାତ୍ରୀଛାତ୍ର ପଢୁଥିବା ବେଳେ ସେମାନଙ୍କ ମଧ୍ୟରୁ ୪୦ ଛାତ୍ର ହଷ୍ଟେଲରେ ରହି ପଢୁଛନ୍ତି । ହଷ୍ଟେଲରେ ରହୁଥିବା ଛାତ୍ରମାନେ ପ୍ରାୟତଃ ପ୍ରଥମରୁ ପଞ୍ଚମ ଶ୍ରେଣୀର। ତେବେ ସେମାନେ ରହୁଥିବା ହଷ୍ଟେଲଟି ବିପଦସଙ୍କୁଳ ଅବସ୍ଥାରେ ରହିଛି। ଦୀର୍ଘ ବର୍ଷର ଏହି ପୁରୁଣା ହଷ୍ଟେଲର କୌଣସି ମରାମତି ହେଉନାହିଁ। ହଷ୍ଟେଲରେ ପାଇଖାନା ସୁବିଧା ନ ଥିବାରୁ ଅନ୍ତେବାସୀ ଶୌଚ ପାଇଁ ବାହାରକୁ ଯାଇଥାନ୍ତି। ଏପରି ଅବ୍ୟବସ୍ଥା ସମ୍ପର୍କରେ ବିଦ୍ୟାଳୟ ପକ୍ଷରୁ ବ୍ଲକଠାରୁ ଆରମ୍ଭକରି ଜିଲା ପ୍ରଶାସନ ପର୍ଯ୍ୟନ୍ତ ଅବଗତ କରାଯାଇଥିଲେ ମଧ କେହି ଗୁରୁତ୍ୱ ଦେଉ ନ ଥିବା ପରିଚାଳନା କମିଟି ସଦସ୍ୟ ଅଭିଯୋଗ କରିଛନ୍ତି। ତତ୍କାଳୀନ ବିଡିଓ ସୌମ୍ୟସାର୍ଥକ ମିଶ୍ର ବ୍ଲକରେ କାର୍ଯ୍ୟରତ ଥିବା ବେଳେ ଉକ୍ତ ବିଦ୍ୟାଳୟକୁ ପରିଦର୍ଶନକରି ବିଦ୍ୟାଳୟ ସମସ୍ୟା ସୁଧାରିବାକୁ ପ୍ରତିଶ୍ରୁତି ଦେଇଥିଲେ ମଧ ତାହା କାର୍ଯ୍ୟକାରୀ ହୋଇନାହିଁ। ଗ୍ରାମର ରାସ୍ତାକଡ଼ରେ ଏହି ବିଦ୍ୟାଳୟର ପ୍ରଥମରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ପୁରୁଣା ଶ୍ରେଣୀଗୃହରେ ପାଠ ପଢୁଛନ୍ତି । ଅଷ୍ଟମ, ନବମ ଏବଂ ଦଶମ ଶ୍ରେଣୀର ଛାତ୍ରୀଛାତ୍ର ବିଦ୍ୟାଳୟଠାରୁ ୬୦୦ ମିଟର ଦୂରରେ ଏକ ପାହାଡ଼ ଉପରେ ଥିବା ଶ୍ରେଣୀଗୃହରେ ପାଠ ପଢୁଥିବା ଦେଖିବାକୁ ମିଳୁଛି। ଏହି ଛାତ୍ରୀଛାତ୍ରଙ୍କ ଲାଗି ପାନୀୟ ଜଳ ବ୍ୟବସ୍ଥା କରାଯାଇଥିଲେ ମଧ ତାହା ଏ ଯାଏ କାର୍ଯ୍ୟକ୍ଷମ ହୋଇନାହିଁ। ବିଦ୍ୟାଳୟରେ ଶିକ୍ଷାଦାନ ପାଇଁ ୮ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ରହିଥିବା ବେଳେ ଦୀର୍ଘ ବର୍ଷ ହେଲା ପ୍ରଧାନ ଶିକ୍ଷକ ପଦବୀ ଖାଲି ପଡିଛି। ଏନେଇ ବିଡିଓ ସୁକାନ୍ତ ପଟ୍ଟନାୟକଙ୍କୁ ପଚାରିବାରୁ ସେ କହିଲେ, ଉକ୍ତ ବିଦ୍ୟାଳୟ ସମସ୍ୟା ପ୍ରତି ଅବଗତ ଅଛି। ଏ ସମ୍ପର୍କରେ ପିଏ ଆଇଟିଡିଏଙ୍କ ସହ ଆଲୋଚନା କରିଛି। ଖୁବ୍ ଶୀଘ୍ର ବିଦ୍ୟାଳୟରେ ରହିଥିବା ସମସ୍ୟା ସମାଧାନ କରାଯିବ ବୋଲି ପଟ୍ଟନାୟକ କହିଥିଲେ।

